
ବିଭିନ୍ନ ମଠରେ ଝୁଲଣ ଯାତ୍ରା: ଶ୍ରୀଜଗନ୍ନାଥ ବଲ୍ଲଭ ମଠ ।


ଉତ୍ତରପାର୍ଶ୍ୱ ମଠ ।


ଶ୍ରୀରାଧାବଲ୍ଲଭ ମଠ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୮।୨୦୨୪

| ୫,୨୬,୩୪୦ ଟଙ୍କା | |
|---|---|
| ସୁନା | ୪୨୦ ମିଲିଗ୍ରାମ୍ |
| ରୁପା | ୧୫.୫୦୦ ଗ୍ରାମ୍ |


ରାଧାବଲ୍ଲଭ ମଠରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି ।


ପ୍ରଭୁପାଦ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ଆଶ୍ରମରେ କଳାକାରଙ୍କ ରାସ ନୃତ୍ୟ ପରିବେଷଣ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

### ସଂକ୍ଷେପରେ

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୨୦।୮(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୨ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୨୭ଟି ବ୍ୟକ୍ତିଗତ, ୨ଟି ଗ୍ରାମ ସମସ୍ୟା ସମ୍ପର୍କିତ, ୨ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କିତ ଓ ଗୋଟିଏ ରେଡକ୍ରସ ସହାୟତା ସମ୍ପର୍କରେ ଆବେଦନ ରହିଥିଲା। ତତକ୍ଷଣାତ ୭ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମଓ ଡା. ବିନୋଦ ରଥ, ଅଭିଯୋଗ ପ୍ରକୋଷ୍ଠ ଡେପୁଟି କଲେକ୍ଟର ଆଶୁତୋଷ ଦେ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଛାତ୍ରୀଙ୍କ ସହ ୩ ଆହତ

### ଚାଳକଙ୍କୁ ନିସ୍ତୁକ ଛେଚି ପୋଲିସ ଜିମା ଦେଲେ ସ୍ଥାନୀୟ ଲୋକେ

ଗୋପ,୨୦।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ଚାରିଛକ ରାସ୍ତାର ପାଣିଛତ୍ର ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ସ୍କୁଲ ଛାତ୍ରୀଙ୍କ ସମେତ ଜଣେ ମହିଳା ଓ ବ୍ୟକ୍ତି ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ସେମାନଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗୋପ ଥାନା ଅଧୀନ ରାଜରାଣି ଗ୍ରାମର ବ୍ରଜମୋହନ ପ୍ରଧାନ (୩୨), ରମିଜା ପରବିନ୍(୨୨) ଓ ୬ଷ୍ଠ ଶ୍ରେଣୀର ଛାତ୍ରୀ ଆଫିଆ ପରବିନ୍ (୧୩)। ଭ୍ୟାନ୍ ତଳେ ଗୋଟିଏ ସ୍କୁଟି ଓ ବାଇକ୍ ଚାପି ହୋଇ ରହିଥିବାବେଳେ ଦୁର୍ଘଟଣା ଘଟାଇଥିବା ଭ୍ୟାନ୍ ଚାଳକଙ୍କୁ ସ୍ଥାନୀୟ ଲୋକେ ନିସ୍ତୁକ ଛେଚି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସନ୍ଧ୍ୟାରେ ପିକ୍‌ଅପ୍ ଭ୍ୟାନ୍ (ଓଡି ୦୨ ସିଇ ୨୨୦୭)ଟି କଟକ ଯାଉଥିଲା। ମାତ୍ର ପାଣିଛତ୍ର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ପ୍ରଥମେ ବ୍ରଜମୋହନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ପରେ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଗୋଟିଏ ସ୍କୁଟିକୁ ଧକ୍କା ଦେଇ କଡ଼ ଚାଷଜମିରେ ପଶି ଯାଇଥିଲା। ଏହି ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବ୍ରଜମୋହନ, ରମିଜା ଓ ୬ଷ୍ଠ ଶ୍ରେଣୀର ଛାତ୍ରୀ ଆଫିଆ ଅଳ୍ପକେ ବଞ୍ଚି ଯାଇଥିଲେ।

# ବିପଦସଙ୍କୁଳ ସ୍କୁଲ ଘରେ ଚାଲିଛି ପାଠପଢ଼ା

ଅସ୍ତରଙ୍ଗ,୨୦।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଅନ୍ତର୍ଗତ ତାଳଦା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିପଦସଂକୁଳ ଘରେ ଛାତ୍ରୀଛାତ୍ର ପାଠ ପଢୁଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ସାମ୍ନାକୁ ଆଣିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ୧୯୫୭ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏଠାରେ ୫୬ ଜଣ ଛାତ୍ରୀଛାତ୍ରୀ ପଢୁଛନ୍ତି। ତେବେ ବିଦ୍ୟାଳୟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟ ଛାତ ଓ କାନ୍ଥ ଫାଟି ଆଁ କରିଛି। କେଉଁଠି ପୁଣି ପ୍ଲାଷ୍ଟର ଛାଡି ରଡ୍ ଦେଖାଯାଉଛି। ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ଗଳୁଛି। ପିଲାଙ୍କ ପାଠପଢା ବନ୍ଦ ହୋଇଯାଉଛି। ଏପରି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଭବିଷ୍ୟତ ନେଇ ପ୍ରଶ୍ନ ଉଠିଛି। ଗ୍ରାମବାସୀ ଓ ସ୍କୁଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ବି ନିରାଶ ହେବାକୁ ପଡ଼ିଛି। ଏଥିଯୋଗୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## 'ଗଙ୍ଗାଧର ମେହେର ଓଡ଼ିଆ ଅସ୍ମିତାର ସର୍ବୋତ୍ତମ ପ୍ରତୀକ'

ପୁରୀ,୨୦।୮(ଅଜିତ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ତଥା ରକ୍ଷାବନ୍ଧନ ଉତ୍ସବ ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନରେ ପାଳିତ ହୋଇଯାଇଛି। ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଚିକାୟତରାୟ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ସମ୍ପାଦକ ମହେନ୍ଦ୍ର ବିଶୋଇ ମେହେର ଜୟନ୍ତୀର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ରମେଶ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଗଙ୍ଗାଧର ମେହେରଙ୍କୁ ଓଡ଼ିଆ ଅସ୍ମିତାର ସର୍ବୋତ୍ତମ ପ୍ରତୀକ ରୂପେ ବର୍ଣ୍ଣନା କରି ସାମ୍ପ୍ରତିକ ସ୍ଥିତିରେ ତାଙ୍କ ସାହିତ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଅଧିକ ଅଧ୍ୟୟନ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ସାହିତ୍ୟିକମାନେ ଶିଶୁ କିଶୋର ମନଲାଖି ସାହିତ୍ୟ ରଚନା କରିବାକୁ ଅତିଥିମାନେ ମତ ଦେଇଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀଧର ମାଝୀ, ଡ. ହେମନ୍ତ ଛୋଟରାୟ, ସତ୍ୟ ନାରାୟଣ ମିଶ୍ର, ମିନତୀ ପଟ୍ଟନାୟକ, କବିତା ମିଶ୍ର, ଦୁର୍ଗାବତୀ ପ୍ରଧାନ, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ପୁରୀ ଲେଖା ଓ ଲେଖକ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧିବକ୍ତା ନାରାୟଣ ନନ୍ଦ ଅଧ୍ୟକ୍ଷତା କରିଥିଲେ। ବିଜୟଲକ୍ଷ୍ମୀ ଦାଶ, ସାରଙ୍ଗାଧର ଷଡ଼ଙ୍ଗୀ, ଡ. ସସ୍ମିତା ମିଶ୍ର, ଦେବୀଦତ୍ତ ମିଶ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ସନ୍ଦୀପ କର୍ମକାର, ଯୋଗେଶ୍ୱର ପ୍ରହରାଜ ପ୍ରମୁଖ ଗଙ୍ଗାଧର ମେହେରଙ୍କ କାଳଜୟୀ ରଚନାବଳୀ ସମ୍ପର୍କରେ ଆଗାମୀ ପିଢ଼ି ଉପଯୁକ୍ତ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅନୁକୂଳ ଚନ୍ଦ୍ର ସେଠୀ, ରାଜେଶ ବେହେରା, ତପନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଯୁବକଂଗ୍ରେସ ପକ୍ଷରୁ ଚାରାରୋପଣ

କୋଣାର୍କ,୨୦।୮(ଜ୍ୟୋତିରାଜ ମହାନ୍ତି)

କାକଟପୁର ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର କାଳୀମନ୍ଦିର ପ୍ରାଙ୍ଗଣରେ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସ ଉପଲକ୍ଷେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ପତି ଏବଂ କୋଣାର୍କ ଏନ୍ଏସି କାଉନସିଲ୍ ଇଂ. ନୀହାର ରଞ୍ଜନ ବେଉରା ଏହାର ନେତୃତ୍ୱ ନେଇଥିଲେ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଫୁଲ ଓ ଔଷଧୀୟ ଗଛର ଚାରା ଉକ୍ତ ପ୍ରାଙ୍ଗଣରେ ରୋପଣ କରାଯାଇଥିଲା। କୋଣାର୍କ ନଗର ସଭାପତି ଉପେନ୍ଦ୍ର କାଣ୍ଡି, ସ୍ୱାଧୀନ ନାୟକ, ଦେବେନ୍ଦ୍ର ପ୍ରଧାନ, ରାକେଶ ରୋଶନ ସେଠୀ, ଦୁଃଶାସନ ନାୟକ କାଳୀ ମନ୍ଦିର ସଭାପତି ତଥା ପୁରୀ ଜିଲାର ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କିଡ୍‌ନୀ ରୋଗରେ ଶଯ୍ୟାଶାୟୀ ରାଜକିଶୋର

କାକଟପୁର/ଅସ୍ତରଙ୍ଗ,୨୦।୮
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



- ଅର୍ଥ ସାଜିଛି ବାଧକ
- ପୁଅକୁ ଭଲ କରିବାକୁ ବୃଦ୍ଧ ବାପା ବିକୁଛନ୍ତି ପାମ୍ପଡ଼

ଦିନେ ରୋଜଗାର କରି ପରିବାର ଚଳାଉଥିଲେ, ହେଲେ ଏବେ ପରିବାର ଉପରେ ବୋଝ ପାଲଟିଛନ୍ତି। ଦିନ ଯେତିକି ଗଡୁଛି, କଷ୍ଟ ସେତିକି ବଢି ଚାଲିଛି। ବିଛଣାରେ ପଡ଼ି ରହିଛନ୍ତି ଘରର ଏକମାତ୍ର ରୋଜଗାରିଆ ପୁଅ। ପୁରୀ ଜିଲା କାକଟପୁର ତହସିଲ ଅଧୀନ ବାଜପୁର ଗ୍ରାମ କୃଷ୍ଣନଗରପାଟଣାର ରାଜକିଶୋର ବେହେରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ୨ଟି ଯାକ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ପ୍ରତିରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ମଧ୍ୟ ଅର୍ଥ ବାଧକ ସାଜିଛି। ଶୀଘ୍ର ଚିକିତ୍ସା କରା ନ ଗଲେ ତାଙ୍କ ଜୀବନ ଚାଲିଯିବ। ପୁଅର ଏଭଳି ଅବସ୍ଥାରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ଟଙ୍କା କେଉଁଠୁ ଆସିବ ସେନେଇ ଚିନ୍ତାରେ ଅଛନ୍ତି। ରାଜକିଶୋର ବିଭିନ୍ନ ଗାଁରେ ବୁଲି ବୁଲି ଭୋଜିରେ ରୋଷେଇ କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ୩ ମାସରୁ ଊର୍ଦ୍ଧ୍ୱ ହେବ ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ସ୍ୱାମୀଙ୍କୁ ଭଲ କରିବାକୁ ସ୍ତ୍ରୀ ପାରୁପଣେ ତାଙ୍କ ସେବା କରି ଚାଲିଛନ୍ତି। ପରିବାର ଏକମାତ୍ର ରୋଜଗାରିଆ ମଣିଷ ଯେତେବେଳେ ଶଯ୍ୟାରେ ପଡ଼ି ରହିଛନ୍ତି, ସେତେବେଳେ ପୂରା ପରିବାର ଅସହାୟ ହୋଇପଡ଼ିଛି। ପରିବାର କହିଲେ, ତାଙ୍କ ମା', ବାପା ଓ ସ୍ତ୍ରୀ। ସଂସାର ହସଖୁସିରେ ଚାଲିଥିବାବେଳେ ସତେ ଯେମିତି କାହାର ନଜର ଲାଗି ଯାଇଛି। ରାଜକିଶୋରଙ୍କୁ ଭଲ କରିବାକୁ ତାଙ୍କ ବାପା କବିନ୍ଦ୍ର ବେହେରା ବୃଦ୍ଧକାଳରେ ପାମ୍ପଡ଼ ବିକ୍ରି କରୁଛନ୍ତି। ଅନ୍ୟପଟେ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଏ ବାବଦରେ ଖବର ପାଇ କାକଟପୁର ତହସିଲଦାର ଅଙ୍କିତା ଆନନ୍ଦିତା ବିଭାଗୀୟ ଅଧିକାରୀଙ୍କୁ ପଠାଇ ରାଜକିଶୋରଙ୍କ ସ୍ୱାସ୍ଥ୍ୟ ବାବଦରେ ବୁଝିଥିଲେ। ଏହାପରେ ଯାହା ସମ୍ଭବ ସରକାରୀସ୍ତରରେ ସହାୟତା ଯୋଗାଇଦେବେ ବୋଲି କହିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ରାଜକିଶୋରଙ୍କୁ ସହାୟତା କରିବାକୁ ଚାହାନ୍ତି, ଫୋନ ପେ ନଂ. ୯୮୬୧୫୯୦୩୮୫(ମଲ୍ଲୀକା ପୃଷ୍ଟି) ଅଥବା ନଂ. ୯୮୬୧୫୯୦୩୮୫ରେ ସାହାଯ୍ୟ କରିବାକୁ ତାଙ୍କ ପରିବାର ଅନୁରୋଧ କରିଛନ୍ତି।

## ଜଗନ୍ନାଥ ବଲ୍ଲଭରେ ଝୁଲଣଯାତ୍ରା

ପୁରୀ,୨୦।୮(ଅଜିତ କୁମାର ମହାନ୍ତି )

ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ସଂସ୍କୃତିର ଅନ୍ୟତମ ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ ବଲ୍ଲଭରେ ସାତଦିନ ବ୍ୟାପୀ ଚାଲିଥିବା ଝୁଲଣ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସଂଗ୍ରାମ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଗୀତିକାର ବଦ୍ରି ମିଶ୍ର ଯୋଗଦେଇ କହିଥିଲେ, ଏହି ମାଟି ଶ୍ରୀମନ୍ଦିରର ରୀତିନୀତି ସହ କେବଳ ପ୍ରତ୍ୟକ୍ଷ ଜଡ଼ିତ ନୁହେଁ, ଏଇ ମାଟିରୁ ସୃଷ୍ଟି ହୋଇଛି ନାଟକ, ଆଖଡା ନୃତ୍ୟ ତଥା ଓଡ଼ିଶୀ-ଛାନ୍ଦ-ଚମ୍ପୂ ସଙ୍ଗୀତ। ସେହିପରି ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ପୁରୀ ଅର୍ବାନ ବ୍ୟାଙ୍କ ସଭାପତି ଗୁଣଧର ଦାସମହାପାତ୍ର, ମହାମଣ୍ଡଳେଶ୍ୱର କମଳାକାନ୍ତ ଦାଶ, ଉତ୍ତରପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ ଯୋଗଦେଇ ଝୁଲଣ ଯାତ୍ରାର ଐତିହ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପରେ ସଂଗୀତଗୁରୁ ପ୍ରକାଶ ରଥଙ୍କ ନିର୍ଦ୍ଦେଶନାରେ ଦୟାନିଧି ସଙ୍ଗୀତ ସୁଧାର କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ଓ କୃଷ୍ଣମଣି ନୃତ୍ୟ କଳାପୀଠର ନୃତ୍ୟଶିଳ୍ପୀମାନେ 'ଦେଖ ଗୋ ରାଧାମାଧବ ଚାଲି ଓ ଚାହିଁଛି ମାତ୍ର ଶିଖଣ୍ଡରେ ସଖୀ ମୁଁ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଜଗନ୍ନାଥ ବଲ୍ଲଭର ସାମଗ୍ରିକ ବିକାଶ ପାଇଁ କର୍ମଚାରୀଙ୍କ ପକ୍ଷରୁ ସଂଗ୍ରାମ ଦାସଙ୍କୁ ସମ୍ମାନିତ କରାଯିବା ସହ କର୍ମଚାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ଭକ୍ତ ଦାସିଆ ପୀଠରେ ଝୁଲଣ ପର୍ବ


ଝୁଲଣ ଅବସରରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି ।

ପିପିଲି,୨୦।୮(ଦୁର୍ଗାମାଧବ ମିଶ୍ର)

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲାର ବାଲିଗାଁଠାରେ ଝୁଲଣ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୧୪ରୁ ୨୦ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ଓ ସହାୟକ ପୂଜକ ପ୍ରସନ୍ନ ପଣ୍ଡା ମହାପ୍ରଭୁ ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ ଏବଂ ଗୁରୁଣ୍ଡି ଗୋପାଳଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରର ସନ୍ଧ୍ୟା ଆଳତି ପରେ ଏକ ସୁସଜ୍ଜିତ ବିମାନରେ ଅବସ୍ଥାପିତ କରି ବିଭିନ୍ନ ଦେଶୀୟ ସୁଗନ୍ଧିତ ଫୁଲରେ ବିମଣ୍ଡିତ କରିଥିଲେ। ନିକଟବର୍ତ୍ତୀ ଅଞ୍ଚଳରୁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ, ଶିଶୁ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ବହୁ ସଂଖ୍ୟାରେ ଭକ୍ତଙ୍କ ସମାବେଶ ମଧ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ପୁରୀ ଡ୍ୟାନ୍ସ ଏକାଡ଼େମୀ ନୃତ୍ୟଗୁରୁ ନାରାୟଣ ପାଣ୍ଡେ ଓ ଶିଶୁ ନୃତ୍ୟ ଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ନିମାପଡ଼ାର ମିତ୍ରବନ୍ଧୁ ପଣ୍ଡାଙ୍କ ସୁମଧୁର ଭଜନରେ ଭକ୍ତଙ୍କ ପୀଠର ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇ ଉଠିଥିଲା। ଉକ୍ତ ଉତ୍ସବରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ଅଶୋକ ମହାପାତ୍ର, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟ ଦେବନାରାୟଣ ପାଲ, ଅନୁଷ୍ଠାନ ବରିଷ୍ଠ ଟ୍ରଷ୍ଟି ଲାବଣ୍ୟ ଶିବିର, ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ସରୋଜ ସାହୁ, ଶ୍ରୀଧର ମାହାଲ, ସଦାଶିବ ସ୍ୱାଇଁ, ସନାତନ ବିଶ୍ୱାଳ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ବାଲିଗ୍ରାମର ଅଧିବାସୀ ପ୍ରତ୍ୟହ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବଶେଷରେ ପ୍ରତ୍ୟେକ ଦିନ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

**ବାଇକ୍ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର**

ବାରଙ୍ଗ,(ଲିଙ୍ଗରାଜ ରାଉତ): ମୁଣ୍ଡଳୀ ନିକଟ ଧୂଳିଆଷଣ୍ଢ ମନ୍ଦିର ପାଖରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଯାଉଥିବା ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଙ୍କୀ ଥାନା ଗୟଳବାଙ୍କ ଗ୍ରାମର କାର୍ତ୍ତିକ ସୂତାର(୨୦) ଓ କାଳିଆ ରଣା (୨୧)। ଦୁହେଁ ଏକ ବାଇକ୍(ଓଡି୨୫ପି-୯୦୬୮)ରେ ତ୍ରିଶୂଳିଆ ପଟୁ ଗୟଳବାଙ୍କ ଅଭିମୁଖେ ଦ୍ରୁତଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇଥିଲେ। ଫଳରେ ଉଭୟ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଜଣଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ଦୁହେଁ ଚେତାଶୂନ୍ୟ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ।

## ସଂକ୍ଷେପରେ

### କାରାଗାର ସୁପରିଚାଳନା ପାଇଁ କମିଟି ଗଠିତ

ପୁରୁଣା ଭୁବନେଶ୍ୱର,୨୦।୮(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର କାରାଗାର ଓ ଜାମୁଝରି ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରର ସୁପରିଚାଳନା ଓ ପରିଦର୍ଶନ ନିମନ୍ତେ ଦୁଇଟି କମିଟି ଗଠିତ ହୋଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ରୋଟାରିଆନ ରମେଶ କୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ରଜନୀ ରଞ୍ଜନ ଦାଶ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ବରିଷ୍ଠ ସାମ୍ବାଦିକ ତଥା ଶିଶୁସାହିତ୍ୟିକ ବଙ୍କିମ ନାୟକ, ରୋଟାରିଆନ ମୃଣାଳକାନ୍ତ ନାୟକ ଏହି କମିଟିରେ ସ୍ଥାନ ପାଇଛନ୍ତି ବୋଲି ଖୋର୍ଦ୍ଧା ଜିଲାପାଳଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଦୁଇ ବର୍ଷ ପର୍ଯ୍ୟନ୍ତ ଏହି କମିଟି ତଦାରଖ ଦାୟିତ୍ୱରେ ରହିବେ।

### ସୃଜନୀର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)

ସୃଜନୀ ଅନୁଷ୍ଠାନର ୩୮ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ପଶୁସମ୍ପଦ ଓ କ୍ଷୁଦ୍ରଶିଳ୍ପ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦେଶ ସେବା ଓ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସେନାବାହିନୀରୁ ଅବସର ନେଇଥିବା ସୋମନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସୃଜନୀ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଅତିଥି ଏବଂ ଦର୍ଶକଙ୍କ ହାତରେ ରକ୍ଷାବନ୍ଧନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଶରତ ରାଉତ ନଭେମ୍ବର ୪ରୁ ୭ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପରେ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି କହିଥିଲେ। ସୃଜନୀର ଉପସଭାପତି ନୃସିଂହ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଡ. ମାନସ ବେହେରାଙ୍କ ଦ୍ୱାରା ଆଗତ ବିଭିନ୍ନ ପ୍ରସ୍ତାବ ଉପରେ ଅଧ୍ୟାପିକା ଓ ଅଧ୍ୟାପକମାନେ ଆଲୋଚନା କରିଥିଲେ। ଜାନୁଆରୀରେ ବାର୍ଷିକ ସମ୍ମିଳନୀ, ନୂତନ ସଭ୍ୟ ସଂଗ୍ରହ, ଆଲୋଚନାଚକ୍ର ଆଦି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଫେସର ଯୁଗଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଫେସର ଶ୍ୟାମାପ୍ରସାଦ ଦାସ, ଦେବଦତ୍ତ ମହାନ୍ତି, ସୁଧୀର ଜେନା, ସନ୍ତୋଷ ମିଶ୍ର, ସରୋଜ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଫେସର କଳିଙ୍ଗ କେତକୀ ଧନ୍ୟବାଦ ଦେଇଥିଲେ।

# ଯୋଗାଣ ବିଭାଗ ପକ୍ଷରୁ ପୁଣି ୧ନଂ. ହାଟରେ ଚଢ଼ାଉ

ଭୁବନେଶ୍ୱର, ୨୦।୮(ବନ୍ଦନା ସେଠୀ)

- ୬ଜଣ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ
- ୩୫ ଟଙ୍କାରେ ଆଳୁ ବିକିବାକୁ ତାଗିଦ

ରାଜ୍ୟରୁ ଆଳୁ ସଙ୍କଟ ଥମିବାର ନାଁ ଧରୁନାହିଁ। କିଛି ଅସାଧୁ ବ୍ୟବସାୟୀ ଦର ଖସାଇବାକୁ ରାଜି ହେଉନାହାନ୍ତି। ଏଥିସହ କିଛି ଖୁଚୁରା ବେପାରି ଆଳୁ ଷ୍ଟକ୍ ରଖିଥିବା ଅଭିଯୋଗ ପାଇବା ପରେ ମଙ୍ଗଳବାର ଯୋଗାଣ ବିଭାଗ ପକ୍ଷରୁ ପୁଣିଥରେ ୟୁନିଟ୍-୧ ହାଟରେ ଚଢାଉ କରାଯାଇଥିଲା। ବ୍ୟବସାୟୀମାନେ ଆଳୁ କିଲୋପିଛା ୩୬ ଟଙ୍କାରେ ବିକ୍ରି କରୁଥିବା ଦେଖାଯାଇଥିଲା। ତେବେ ବ୍ୟବସାୟୀମାନେ ଗୋଦାମ୍‌ରୁ ୩୧ଟଙ୍କାରେ ଆଳୁ କିଣୁଥିବାରୁ ସେମାନଙ୍କୁ ୩୫ ଟଙ୍କାରେ ବିକ୍ରି କରିବାକୁ ତାଗିଦ କରାଯାଇଛି। ଏଥିସହ ୬ଜଣ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ବ୍ୟବସାୟୀଙ୍କ ମଧ୍ୟରୁ କେତେଜଣ ଆଳୁ ଷ୍ଟକ୍ କରି ରଖିଥିଲେ। ଆଉ କେତେଜଣ କେତେ ଟଙ୍କାରେ ଆଳୁ କିଣିଛନ୍ତି ତାହାର ବିଲ୍ ଦେଖାଇ ପାରି ନ ଥିଲେ କି କ୍ୟାଶ୍‌ବୁକ୍ ମେଣ୍ଟେନ୍ କରି ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ଯୋଗାଣ ବିଭାଗ ମୁଖ୍ୟ ସନ୍ଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଅଧିକାରୀଙ୍କ ଏଭଳି ତାଗିଦ୍ ପରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବଜାରରେ ଆଳୁ ଠିକ୍ ଭାବେ ମିଳୁ ନ ଥିବାବେଳେ ଗୋଦାମରୁ କଷ୍ଟେମଷ୍ଟେ ଆଳୁ କିଣାହେଉଛି। ଏଭଳି ସ୍ଥିତିରେ ଦୁଇ ପଇସା ଲାଭ ନ ରଖି ବେପାର କଲେ ଆମେ କେମିତି ଚଳିବୁ ବୋଲି ବ୍ୟବସାୟୀ ପ୍ରଶ୍ନ କରିଛନ୍ତି। ତେବେ ଖୁଚୁରା ବଜାରରେ ଆଳୁଦର ଚଢା ଥିବା ଅଭିଯୋଗ ପାଇ ପୂର୍ବରୁ ଅଗଷ୍ଟ ୧୦ରେ ବିଭାଗ ପକ୍ଷରୁ ଏହି ହାଟରେ ଚଢାଉ କରାଯାଇଥିଲା। ସେତେବେଳେ ଆଳୁ କିଲୋପିଛା ୩୫ରୁ ୩୮ଟଙ୍କା ମଧ୍ୟରେ ବିକ୍ରି କରିବାକୁ ସମସ୍ତ ବ୍ୟବସାୟୀଙ୍କୁ କୁହାଯାଇଥିଲା। ତେବେ ଏବେ ହୋଲ୍‌ସେଲ୍ ଦର କିଛି ମାତ୍ରାରେ କମି ଥିବାରୁ ଖୁଚୁରା ଦର କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବ୍ୟବସାୟ ସମ୍ପର୍କିତ ସମସ୍ତ କାଗଜପତ୍ର ଠିକ୍ ରଖିବା ଓ ଅଯଥାରେ ଆଳୁ ମହଜୁଦ୍ ରଖି ଗ୍ରାହକଙ୍କୁ ହଇରାଣ ନ କରିବାକୁ ତାଗିଦ କରାଯାଇଛି।

# ରାଜୀବ ଗାନ୍ଧୀ ଟେଲିକମ୍ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରିଥିଲେ


ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୦।୮(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୦ତମ ଜୟନ୍ତୀ ମଙ୍ଗଳବାର ରାଜୀବ ଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ପାଳିତ ହୋଇଯାଇଛି। ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ନିହତ ହେଲାପରେ ମାତ୍ର ୪୦ବର୍ଷ ବୟସରେ ରାଜୀବ ଗାନ୍ଧୀ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଭାରତରେ ଟେଲି ବିପ୍ଳବ ଆରମ୍ଭ କରି ସେ ଟେଲିକମ୍ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରିଥିଲେ। ତାଙ୍କ ସମୟରେ ୧୮ବର୍ଷ ବୟସର ବ୍ୟକ୍ତିଙ୍କୁ ଭୋଟଦାନର ଅଧିକାର ଦିଆଯାଇ ଦେଶରେ ଗଣତନ୍ତ୍ର ଭିତ୍ତିଭୂମିକୁ ସୁଦୃଢ କରାଯାଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାମାଜିକ କର୍ମୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ୍ ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପାଟଯୋଶୀ, ସ୍ୱରାଜ ସୂତାର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ।

# ଆରମ୍ଭ ହେଲା ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପର୍ବ

**ପଦ୍ମଶ୍ରୀ ରଞ୍ଜନା ଗୋହର, ଅରୁଣା ମହାନ୍ତିଙ୍କୁ 'ନୃତ୍ୟଧାମ ଜୀବନବ୍ୟାପୀ ସମ୍ମାନ'**



ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)

ନୃତ୍ୟଧାମ ପକ୍ଷରୁ ୭ମ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପର୍ବ ଏବଂ ଗୁରୁ ନମନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ପଦ୍ମଶ୍ରୀ ରଞ୍ଜନା ଗୋହର ଓ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ 'ନୃତ୍ୟଧାମ ଜୀବନବ୍ୟାପୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ପ୍ରଥମ ପରିବେଷଣରେ ଗୁରୁ ପଦ୍ମଶ୍ରୀ ରଞ୍ଜନା ଗୋହର ମଙ୍ଗଳା ଚରଣରେ ମାତା ସରସ୍ୱତୀଙ୍କୁ ବନ୍ଦନା କରି ମାଣିକ୍ୟ ବୀଣା ପ୍ରଦର୍ଶନ କରିଥିଲେ। ତା'ପରେ ଅଭିନୟରେ ଶ୍ରୀ ଜୟଦେବଙ୍କ ରଚିତ ଗୀତ ଗୋବିନ୍ଦର 'ସଖୀ ହେ କେଶୀ ମଦନ ମୁଦାରାମ୍' ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କପରେ ପଦ୍ମଶ୍ରୀ ଅରୁଣା ମହାନ୍ତି ଅଭିନୟରେ ଉପନାୟକ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାପରେ ଉସ୍ତାଦ ବିସମିଲାଖାଁ ପୁରସ୍କାରପ୍ରାପ୍ତ ବିନୋଦ କେଭିନ୍ ବଚନ ଯୋଗି ମୀରା ବାଇଙ୍କ ଉପରେ ଆଧାରିତ 'ଆଇ ବାଦରିୟା ସାବନ କି' ଅଭିନୟ କରିଥିଲେ। ଗୁରୁ ପଦ୍ମଶ୍ରୀ ରଞ୍ଜନା ଗୋହର ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପରେ ନୃତ୍ୟାଙ୍ଗନା ଡ. ଶୁଭଶ୍ରୀ ପଟ୍ଟନାୟକଙ୍କ 'କୁନ୍ତୀ' ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଦୁର୍ଗାଚରଣ ରଣବୀର ଓ ସଙ୍ଗୀତ ନିର୍ଦ୍ଦେଶନା ଗୁରୁ ସୁକାନ୍ତ କୁଣ୍ଡୁ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ସାମ୍ବାଦିକ ଶ୍ରୀରାମ ଦାସ ଓ ଗୁରୁ ସଙ୍ଗୀତା ଗୋସାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ପାରମ୍ପାରିକ ବାଦ୍ୟରେ ବାରଙ୍ଗ ଗଣେଶ ପୂଜା

ବାରଙ୍ଗ,୨୦।୮(ଲିଙ୍ଗରାଜ ରାଉତ)

ବାରଙ୍ଗରେ ହେବାକୁ ଥିବା ଗଣେଶ ପୂଜା ଓ ଭସାଣି ଉତ୍ସବରେ ଡିଜେ ବାଜିବନି। ପାରମ୍ପରିକ ବାଦ୍ୟର ତାଳରେ ଭସାଣି ଶୋଭାଯାତ୍ରା ହେବ। ଏନେଇ ମଙ୍ଗଳବାର ରାତିରେ ବାରଙ୍ଗ ଥାନା ପରିସରରେ ଆୟୋଜିତ ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜୋନ୍ ଏସିପି ଉମାକାନ୍ତ ପ୍ରଧାନ, ବିଦ୍ୟୁତ୍ ବିଭାଗ ଜେଇ ବିଷ୍ଣୁପ୍ରସାଦ ଦାସ, ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ସଭାପତି ପ୍ରତାପ ଚନ୍ଦ୍ର ପାଣି, ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତି, ଟ୍ରକ୍ ଆସୋସିଏଶନ ସଭାପତି ବିଜୟ ପଣ୍ଡାଙ୍କ ସମେତ ଆଞ୍ଚଳିକ ମୁରବି, ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାରେ ସାରିବାକୁ ଆଲୋଚନା ହୋଇଥିଲା। କମିଶନରେଟ ପୋଲିସ ପକ୍ଷରୁ ଜାରି ମାର୍ଗଦର୍ଶିକା ଉପରେ କୁହାଯାଇ ସହଯୋଗ କରିବାକୁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଥିଲା। ଗଣେଶ ପୂଜା ସେପ୍ଟେମ୍ବର ୭ ତାରିଖରେ ପଡୁଥିବାବେଳେ ୩ଟି ପର୍ଯ୍ୟାୟରେ ୧୫, ୨୨ ଓ ୨୯ ତାରିଖରେ ଭସାଣି କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଭସାଣି ଉତ୍ସବକୁ ନିଶାମୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏସ୍‌ଆଇ ସୁଦର୍ଶନ ସେଠୀ, ସଞ୍ଜୟ ହାଁସଦା, ବାଳକୃଷ୍ଣ ପ୍ରଧାନ, ଏଏସ୍‌ଆଇ ଜ୍ୟୋତିରଞ୍ଜନ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଏସ୍‌ଆଇ ଜ୍ୟୋସ୍ନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମେଣ୍ଢାଶାଳରେ ଝୁଲଣଯାତ୍ରା ଉଦ୍‌ଯାପିତ


ମେଣ୍ଢାଶାଳ ଝୁଲଣ ଯାତ୍ରାରେ ବାଦିପାଲା ପରିବେଷଣ କରାଯାଉଛି।

ବାରଙ୍ଗ,୨୦।୮(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଭାଗବତ ବାସୁଦେବଙ୍କ ମନ୍ଦିର ସମ୍ମୁଖରେ ପଞ୍ଚ ଦିବସୀୟ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଝୁଲଣ ଯାତ୍ରା ଉପଲକ୍ଷେ ବାଦୀ ପାଲା ଅନୁଷ୍ଠିତ ହୋଇଥିଲା। ଗାୟକ ରସସାଗର ବସନ୍ତ ବେହେରା, ବାଣୀରତ୍ନ ନିରଞ୍ଜନ ସ୍ୱାଇଁ ଯୋଗଦେଇ ପ୍ରତିଦିନ ପାଲା ପରିବେଷଣ କରିଥିଲେ। ସନ୍ଧ୍ୟା ସମୟରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଯିବା ପରେ ଝୁଲଣ ସହ ପାଲା ପରିବେଷଣ କରାଯାଇଥିଲା। ଝୁଲଣ ଓ ପାଲା ମଣ୍ଡପକୁ ଭାରତ ଭୂଷଣ ମହାରଣାଙ୍କ ଦ୍ୱାରା ଆକର୍ଷଣୀୟ ଭାବେ ସଜ୍ଜା ଯାଇଥିଲା।

# ଗୁରୁ ଶୁଭଶ୍ରୀ ମୁଖାର୍ଜୀ ପାଇଲେ 'ସସ୍ନେହା ସମ୍ମାନ'

ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)




ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଦ୍ୱିତୀୟ 'ସସ୍ନେହା ସମ୍ମାନ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ ଛଉନୃତ୍ୟ ପାଇଁ ଗୁରୁ ଶୁଭଶ୍ରୀ ମୁଖାର୍ଜୀଙ୍କୁ 'ସସ୍ନେହା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ଶିଳ୍ପୀ ରାଜକୁମାର କର, ଟି. ତୂଳିକା ରେଡ୍ଡି, ଗୁରୁ ନାରାୟଣ ପାଣ୍ଡେଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ୟୁଏସ୍‌ଏମ୍ ପ୍ରିନ୍ସିପାଲ ଗୁରୁ ବିଜୟ ଜେନା, ସରପଞ୍ଚ କାମଦେବ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ ଓ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ପାଟ୍ରୋଲିଂକୁ କଡ଼ାକଡ଼ି ସହ ଅପରାଧୀ ଦମନ ପାଇଁ ପରାମର୍ଶ

ବାଲିଅନ୍ତା,୨୦।୮(ନୀଳମାଧବ ସାହୁ)

ଭାଜପାର ବରିଷ୍ଠ ନେତା ଡ. ଅରବିନ୍ଦ ଢାଲି ମଙ୍ଗଳବାର ବାଲିଅନ୍ତା ଥାନାକୁ ପରିଦର୍ଶନରେ ଆସି ଆଇଆଇସି ରବୀନ୍ଦ୍ରନାଥ ମେହେରଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ସହିତ ବେଣ୍ଟପୁର ପଞ୍ଚାୟତ ସରପଞ୍ଚ ହୃଷୀକେଶ ପାତ୍ର, ପୂର୍ବତନ ସମିତି ସଭ୍ୟ ଗଜେନ୍ଦ୍ର ଜେନା, ସମିତି ସଭ୍ୟ ରଞ୍ଜନ ମହାପାତ୍ର, ମାଗୁଣି ସେଠୀ, ବିଜୟ ମହାରଣା, ଝିଲି ସାମନ୍ତରାୟ, ସିଦ୍ଧେଶ୍ୱର ନାଥଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଥାନା ଅଞ୍ଚଳରେ ଚୋରା ମଦ ବିକ୍ରିକୁ ବନ୍ଦ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ କର୍ମୀମାନେ ଥାନା ଅଧିକାରୀଙ୍କୁ ନିବେଦନ କରିଥିଲେ। ଏଥିସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ମଧ୍ୟ ଦାବି କରିଥିଲେ। ଏହି ଅଞ୍ଚଳର ସୀମା ବାଡ଼ ସହିତ ସହରୀକରଣ ପ୍ରଭାବରେ ଜନବସତି ବଢ଼ି ଚାଲିଛି। ଏଥିପାଇଁ ଏକ ପିସିଆର୍ ଗାଡ଼ି ଓ କର୍ମଚାରୀଙ୍କ ଆବଶ୍ୟକତା ଥିବା ଥାନା ଅଧିକାରୀ ମେହେର କହିଥିଲେ। ଡ. ଢାଲି ଥାନାକୁ ତୁରନ୍ତ ଗାଡ଼ି ଓ କର୍ମଚାରୀ ଯୋଗାଇଦେବାକୁ ବରିଷ୍ଠ ଅଧିକାରୀଙ୍କୁ ଭେଟିଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଏହି ଥାନା ଅଞ୍ଚଳରେ ଅପରାଧୀ ଦମନ ସହିତ ଚୋରା ନିଶା ବେପାରୀ ଓ ନିଶା ସେବନ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲିସ ଓ ପବ୍ଲିକ ମିଟିଂ ଡ଼ାକିବାକୁ ପରାମର୍ଶ ଦେଇଥିଲେ।

# ଓଡ଼ିଆ ସାହିତ୍ୟିକଙ୍କ ଲେଖନୀ ସଂଗ୍ରାମ ମନୋବୃତ୍ତି ସୃଷ୍ଟି କରିଥିଲା



ଓଡ଼ିଶା ଲେଖକ ସମବାୟ ସମିତିପକ୍ଷରୁ ମଙ୍ଗଳବାର ସମିତି ପରିସରରେ ଆୟୋଜିତ ଆଲୋଚନାରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)

ଭାରତ ସ୍ୱାଧୀନତା ହାସଲ କରିବା ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ସାମ୍ନା କରି ସାରିଥିଲା। ଦେଶ ଭିତରେ ସ୍ୱାଧୀନତା ସଂଗ୍ରାମ ଓ ଦେଶ ବାହାରେ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ଏଭଳି ପୃଷ୍ଠଭୂମିରେ ଓଡ଼ିଆ ସାହିତ୍ୟିକମାନେ ଲେଖନୀ ଚାଳନା କରି ସାଧାରଣ ଲୋକଙ୍କ ମନରେ ସଂଗ୍ରାମୀ ମନୋବୃତ୍ତି ସୃଷ୍ଟି କରିଥିଲେ। ଫକୀର ମୋହନଙ୍କ ଲେଖନୀରେ ସାମାଜିକ ପ୍ରତିଛବି ପ୍ରତିଫଳିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ନଦାଶଙ୍କର, କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ, ଜାତୀୟକବି ବୀରକିଶୋର, ବାଞ୍ଛାନିଧି ମହାନ୍ତି, ମନମୋହନ ମିଶ୍ର, ଗୋଦାବରୀଶ ମହାପାତ୍ର ତାଙ୍କ କଲମ ମୁନରେ ଆଗ୍ନେୟ ସ୍ଫୁଲିଙ୍ଗ ସୃଷ୍ଟି କରିପାରିଥିଲେ। ଓଡ଼ିଆ ଭାଷାକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓଡ଼ିଆ ସାହିତ୍ୟିକଙ୍କୁ ଲେଖା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ପାଇଁ ସୁଯୋଗ ଦେଇଥିଲା। ଓଡ଼ିଶା ଲେଖକ ସମବାୟ ସମିତିପକ୍ଷରୁ ମଙ୍ଗଳବାର ସମିତି ପରିସରରେ ଆୟୋଜିତ 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟିକଙ୍କ ଅବଦାନ' ଶୀର୍ଷକ ଆଲୋଚନାରେ ଅତିଥିମାନେ ଏହା କହିଛନ୍ତି। ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଶରତ ଚନ୍ଦ୍ର ରଥ, ସାହିତ୍ୟିକା ବନଜ ଦେବୀ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଡ. ଆରତି କର, ମିନତୀ ଷଡ଼ଙ୍ଗୀ, ପ୍ରଭାତ କୁମାର ନନ୍ଦ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଆଶିଷ କର ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ତାଳପତ୍ର ପୋଥିର ପୁନରୁଦ୍ଧାର ସହ ଅଧିକ ଗବେଷଣା ହେବ

ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

**ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ସିସିଆର୍‌ଏଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**



ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଅନୁସନ୍ଧାନ ପରିଷଦ (ସିସିଆର୍‌ଏଏସ୍) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ପରିଜା ପାଠାଗାରରେ ଥିବା ପ୍ରାଚୀନ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ତାଳପତ୍ର ପୋଥିର ସଂରକ୍ଷଣ ଏବଂ ପୁନରୁଦ୍ଧାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରରେ କୁଳସଚିବ ଡ. କାହ୍ନୁଚରଣ ଧୀର ଏବଂ ସିସିଆର୍‌ଏଏସ୍‌ର ମହାନିର୍ଦ୍ଦେଶକ(ଜେନେରାଲ ମେଡିସିନ) ଡ. ରବି ନାରାୟଣ ଆଚାର୍ଯ୍ୟ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ପତ୍ରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ପରିଜା ପାଠାଗାରରେ ଥିବା ପ୍ରାଚୀନ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ତାଳପତ୍ର ପୋଥିକୁ ଡିଜିଟାଇଜେଶନ ମାଧ୍ୟମରେ ପୁନରୁଦ୍ଧାର କରିବା ଏବଂ ସେଗୁଡ଼ିକର ଜ୍ଞାନକୁ ଆଧୁନିକ ଚିକିତ୍ସା ଗବେଷଣା ଏବଂ ଅଭ୍ୟାସରେ ସମନ୍ୱିତ କରିବା। ତେଣୁ ସିସିଆର୍‌ଏଏସ୍ ସହିତ ଉତ୍କଳ ବିଶ୍ୱବିଶ୍ୱବିଦ୍ୟାଳୟର ଏହି ସହଯୋଗ ଯୁଗାନ୍ତକାରୀ ଗବେଷଣା ପାଇଁ ପଥ ପରିଷ୍କାର କରିବ ଏବଂ ଭାରତୀୟ ଚିକିତ୍ସା ଐତିହ୍ୟକୁ ବିଶ୍ୱ ସ୍ୱୀକୃତି ଦେବାରେ ଯୋଗଦାନ କରିବ ବୋଲି କୁଳପତି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି। ଏହି ସ୍ୱାକ୍ଷର ସମାରୋହରେ ଉଭୟ ଅନୁଷ୍ଠାନର ସଦସ୍ୟ ଏବଂ ଗବେଷକମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଲିଟୁ ବେହେରା(୨୫)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ରାତିରେ ଘରେ କେହି ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଅସଦାଚରଣ କରିଥିଲେ। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇ ଲିଟୁଙ୍କୁ ଗିରଫ କରିଛି।

### ଫଟୋଗ୍ରାଫି ପେସା ନୁହେଁ, ଏକ ଚ୍ୟାଲେଞ୍ଜ

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଫଟୋଗ୍ରାଫି କେବଳ ଏକ ପେସା ନୁହେଁ, ଏହା ପ୍ରତିଟି ଫଟୋଗ୍ରାଫରଙ୍କ ପାଇଁ ଏକ ଚ୍ୟାଲେଞ୍ଜ। ଆଖି ସମ୍ମୁଖରେ ଘଟିଯାଉଥିବା ଘଟଣାକୁ ମାତ୍ର କିଛି ସେକେଣ୍ଡରେ କ୍ୟାମେରା ଲେନ୍ସ ଭିତରେ କଏଦ କରିବା କଷ୍ଟକର କାର୍ଯ୍ୟ। ଆଉ ସେହି ଗୋଟିଏ ଫଟୋ ବିଶ୍ୱରେ ଚହଳ ପକାଇଥାଏ। ଆଜିର ସୋସିଆଲ ମିଡିଆ ଜଗତରେ ଫଟୋଗ୍ରାଫି ପୂର୍ବଠାରୁ ଅଧିକ ଚ୍ୟାଲେଞ୍ଜିଙ୍ଗ୍ ହୋଇଛି ବୋଲି ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଖୋର୍ଦ୍ଧା ଫଟୋଗ୍ରାଫି ଆସୋସିଏଶନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ମଙ୍ଗଳବାର ଜରିପୁଟ ହନୁମାନଙ୍କ ମନ୍ଦିରଠାରେ ଖୋର୍ଦ୍ଧା ଫଟୋଗ୍ରାଫି ଆସୋସିଏଶନର ଉକ୍ତ ଦିବସ ଅବସରରେ ଏକ ଆଲୋଚନାଚକ୍ର ହୋଇଥିଲା। କର୍ମକ୍ଷେତ୍ରରେ ଫଟୋଗ୍ରାଫରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଫଟୋଗ୍ରାଫି ଗୋଟିଏ କୁଶଳୀ ଏବଂ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ବୃତ୍ତି ହୋଇଥିବାରୁ ସରକାର ଏହି ବୃତ୍ତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ସାହାଯ୍ୟ ଯୋଗାଇଦେବାକୁ ଦାବି କରାଯାଇଥିଲା। ଏହି ଅବସରରେ ଆସୋସିଏଶନ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ସାମନ୍ତରାୟ, ଗଗନ ବିହାରୀ ମହାପାତ୍ର, ବିଷ୍ଣୁ ଜୟପ୍ରକାଶ ମହାପାତ୍ର, ଶ୍ରୀକାନ୍ତ ଜଗଦ୍ଦେବ, ଅଜିତ୍ କୁମାର ମହାରଣା, ବିଷ୍ଣୁମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀ ଶ୍ରୀନାଥ ସୁବୁଦ୍ଧିଙ୍କ ପରଲୋକ

ଯାଁଳା,୨୦।୮(ବୁଲା ବାରିକ)

ତମାଣ୍ଡୋ ପଞ୍ଚାୟତ ଅଞ୍ଚଳର ସାମାଜିକ କର୍ମୀ ଶ୍ରୀନାଥ ସୁବୁଦ୍ଧି (୭୮)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବିଦ୍ୟୁତ୍ ପ୍ରକାଶ ସୁବୁଦ୍ଧି ମୁଖାଗ୍ନି ଦେଇଥିଲେ। ପୂର୍ବତନ ସରପଞ୍ଚ ଜଗମୋହନ ପ୍ରଧାନ, ଦୁଃଶାସନ ସ୍ୱାଇଁ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ୧ କୁଇଣ୍ଟାଲ ଓଜନର ଲଡୁ ଲାଗିହେବ

**ପୋଷ୍ଟ ଅଫିସ୍ ବ୍ୟବସାୟୀ ସଙ୍ଘ ପୂଜା କମିଟି**

- ପୂଜା ପାଇବେ ୨୦ ଫୁଟ ଉଚ୍ଚର ଗଣେଶ
- ଅଯୋଧ୍ୟା ରାମମନ୍ଦିରରେ ଏଲ୍ଇଡି ଗେଟ୍ ଶୋଭାପାଇବ

ଜଟଣୀ,୨୦।୮(ରବୀନ୍ଦ୍ରନାଥ ମହାକୁଡ଼)



ଅଯୋଧ୍ୟା ରାମମନ୍ଦିରରେ ଏଲ୍ଇଡି ଗେଟ୍‌ର ନକଲ।

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ପୋଷ୍ଟ ଅଫିସ ବ୍ୟବସାୟୀ ସଙ୍ଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇ। ପ୍ରତିବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ କିଛି କିଛି ନୂଆ କରିବାର ପ୍ରୟାସ କରିଥାଏ ସଂଘ। ଏଥର ୪୩ ଫୁଟର ୩ଟି ଏଲ୍ଇଡି ଗେଟ୍ ସହିତ ୫୨ ଫୁଟର ଅଯୋଧ୍ୟା ରାମମନ୍ଦିର ଗେଟ୍ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ସଙ୍ଘର କର୍ମକର୍ତ୍ତା କହିଛନ୍ତି।

ବହୁ ବର୍ଷ ପୂର୍ବେ ପୋଷ୍ଟ ଅଫିସ୍ ଛକରେ ବ୍ୟବସାୟୀ ସୀତାରାମ ଅଗ୍ରୱାଲ ନିଜ ଘରେ ପ୍ରଥମେ ତ୍ରିମୂର୍ତ୍ତିଙ୍କୁ ନେଇ ପୂଜା ଆରମ୍ଭ କରିଥିଲେ। କୌଣସି କାରଣରୁ କିଛି ବର୍ଷ ପୂଜା ବନ୍ଦ ହୋଇରହିଥିଲା। ପରବର୍ତ୍ତୀ ସମୟରେ ବ୍ୟବସାୟ ପ୍ରତିଷ୍ଠାନ ବୃଦ୍ଧି ହେବାରୁ ବ୍ୟବସାୟୀମାନେ ଏକତ୍ରିତ ହୋଇ ଥାନା ଛକଠାରେ ପୂଜା କରିଆସୁଥିଲେ। ୨୦୧୭ ମସିହାରୁ ପୁଣି ପୋଷ୍ଟ ଅଫିସ ଛକରେ ଏହି ପୂଜା ପାଳନ ହୋଇଆସୁଛି। ଏଥର ମା’ ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ସହିତ ୨୦ ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ମୂର୍ତ୍ତି ପୂଜା ପାଇବାକୁ ଥିଲାବେଳେ ୧ କୁଇଣ୍ଟାଲ ଓଜନର ଦେଶୀ ଘିଅ ଏବଂ ବେସନରେ ପ୍ରସ୍ତୁତ ଲଡୁ ଠାକୁରଙ୍କଠାରେ ଲାଗି ହେବ। ଏଥର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୂଜାରେ ଖର୍ଚ୍ଚ ହେବା ନେଇ କମିଟି ଆକଳନ କରିଛି। ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଚୁଡ଼ାଘସା ସହ ବିଭିନ୍ନ ଫଳ ଭୋଗ ଲାଗି ହେଉଥିବା ବେଳେ ମଧ୍ୟାହ୍ନରେ ମାନସିକଧାରୀଙ୍କ ଦ୍ୱାରା ଖେଚୁଡ଼ି ଭୋଗ ଏବଂ ସନ୍ଧ୍ୟାରେ ପାଳି ମୁତାବକ ବ୍ୟବସାୟୀ ବିଭିନ୍ନ ଭୋଗ ଠାକୁରଙ୍କ ନିକଟରେ ଲାଗି କରିଥାନ୍ତି। ପୂଜା ସମୟରେ ଏହି ମଣ୍ଡପରେ ବିଭିନ୍ନ ଅଞ୍ଚଳର ମା’ ଭଉଣୀମାନେ ଅନନ୍ତ ବ୍ରତ କରିଥାନ୍ତି। ଅନୁଷ୍ଠାନ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ କମିଟି ପକ୍ଷରୁ ସ୍ଥିର ହୋଇଛି। ପୂଜା ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ସହିତ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଭସାଣି ପରଦିନ ଉକ୍ତ ୧ କୁଇଣ୍ଟାଲ ଓଜନର ଲଡୁ ନିଲାମ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**ଏମାନେ ଯାହା କୁହନ୍ତି...**



“ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ କେବଳ ଗଣେଶଙ୍କୁ ପୂଜା କରାଯାଉଥିବା ବେଳେ ଜଟଣୀରେ ତ୍ରିମୂର୍ତ୍ତି ପୂଜା ପାଇବାର ପରମ୍ପରା ରହିଛି। ମଣ୍ଡପରେ ମା’ ସରସ୍ୱତୀ, ଲକ୍ଷ୍ମୀଙ୍କ ସହିତ ଗଣେଶ ପୂଜା ପାଇଥାନ୍ତି। ଏଥର ୨୦ ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ମୂର୍ତ୍ତି ପୂଜା ପାଇବେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପାରମ୍ପରିକ ବାଦ୍ୟରେ ଏଥର ଭସାଣି ଉତ୍ସବ ହେବ। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତଭାବେ ଠାକୁରଙ୍କ ଦର୍ଶନ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

-ହେମନ୍ତ କୁମାର ସୁନ୍ଦରାୟ, ସଭାପତି, ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ



“ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ୫୨ଫୁଟର ଅଯୋଧ୍ୟା ରାମମନ୍ଦିର ଏଲ୍ଇଡି ଲାଇଟ ଗେଟ୍ ଶୋଭାପାଇବ। ଏଥିସହ ୩ଟି ୪୩ ଫୁଟର ଆକର୍ଷଣୀୟ ଏଲ୍ଇଡି ଗେଟ୍ ଓ ବିଭିନ୍ନ ମେକାନିକାଲ ପ୍ରତିକୃତି ସ୍ଥାନ ପାଇବ।

-ମାନସ କୁମାର ମିଶ୍ର, ସମ୍ପାଦକ, ପୋଷ୍ଟ ଅଫିସ୍ ବ୍ୟବସାୟୀ ସଂଘ

### ନ୍ୟାୟ ଦାବିରେ କ୍ୟାଣ୍ଡେଲ ପଦଯାତ୍ରା

**କୋଲକାତାରେ ମହିଳା ଡାକ୍ତରଙ୍କୁ ହତ୍ୟା ପ୍ରସଙ୍ଗ**

ବୋଲଗଡ଼,୨୦।୮(ଦେବବ୍ରତ ହୋତା)

କୋଲକାତାର ଆର୍.ଜି. କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଉକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଅଭିଯୁକ୍ତମାନଙ୍କୁ ଫାଶୀ ଏବଂ ମହିଳାମାନଙ୍କ ସୁରକ୍ଷା ଦାବିରେ ମଙ୍ଗଳବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି (ଏଆଇଡିଡବ୍ଲ୍ୟୁଏ) ପକ୍ଷରୁ କ୍ୟାଣ୍ଡେଲ ପଦଯାତ୍ରା ସହ ରାଜସୁନାଖଳା ବଜାରଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଚରଣ କ୍ଲବ ନିକଟରେ ନାରୀ ନେତ୍ରୀ ସଞ୍ଜୁକ୍ତା ସେଠୀଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଏହା ଏକ ନିନ୍ଦନୀୟ ଘଟଣା। ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ମହିଳା ସୁରକ୍ଷିତ ନୁହଁ ବୋଲି ମତପ୍ରକାଶ ପାଇଥିଲା। ସଙ୍ଗଠନର ସମ୍ପାଦିକା ପୁଷ୍ପାଞ୍ଜଳି ସେନାପତି, ଶାନ୍ତିଲତା ରଗଡ଼, ମଞ୍ଜୁଲତା ପ୍ରଧାନ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ବୈକୁଣ୍ଠ ନାଥ ଖୁଣ୍ଟିଆ, ସବ୍ୟସାଚୀ ସେନାପତି, ଚାପଧାରି ରାଉତ ପ୍ରମୁଖ ଯୋଗଦେଇଥିଲେ।

## ମା’ ଭଗବତୀଙ୍କ ପୀଠରେ ଗୋପୂଜନ, ଗହ୍ମାପର୍ବ ପାଳିତ

ବାଣପୁର,୨୦।୮(ଦିଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ମା’ ଭଗବତୀଙ୍କ ପୀଠରେ ଗୋପୂଜନ, ଗହ୍ମାପର୍ବ ତଥା ଗହ୍ମାଡିଆଁ ପର୍ବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମା’ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବେଶବଲ୍ଲଭ, ଆଳତି, ମଧ୍ୟାହ୍ନରେ ଶଙ୍କୁଡ଼ି ଧୂପ ଓ ପହୁଡ଼ ପରେ ଅପରାହ୍ନରେ ନିଶଙ୍କୁଡ଼ି ଧୂପ ଆଳତି ହୋଇଥିଲା। ପରବର୍ତ୍ତୀ ସମୟରେ ବଡ଼ ସିଙ୍ଗାର ଧୂପ ପରେ ମା’ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ଚନ୍ଦ୍ରଶେଖର ଦେବ ଓ ଗୋପୀନାଥ ଦେବଙ୍କ ସହ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରୁ ବିଜେ କାହାଳି ବାଜିବା ପରେ ଗହ୍ମାପଡ଼ିଆକୁ ବିଜେ କରିଥିଲେ। ବିସରପାଟଣା ଛକ ଉପରେ ପଲେଇ ସେବକ ଏକ ବାଲିର ବେଦିକରି ତା’ଉପରେ ପାଟବସ୍ତ୍ର ପକାଇ ଆସନ ପ୍ରସ୍ତୁତ କରିଥିଲେ। କାଠିନାହାକ ଓ ପରିଚ୍ଛା ସାଆନ୍ତ ମା’ ଏବଂ ଜୀଉମାନଙ୍କୁ ଉକ୍ତ ବେଦି ଉପରେ ବିଜେ କରାଇ ଷୋଡ଼ଶ ଉପଚାରରେ ପୂଜାକରି ଗୋମାତା ଓ ଠାକୁର ଠାକୁରାଣୀଙ୍କୁ ପରମ୍ପରାକ୍ରମେ କେବଳ ଶାକର ଓ ନଡ଼ିଆପାଟି ୪ ପତ୍ରରେ ଠା’ କରି ନୈବେଦ୍ୟ ଆକାରରେ ଧୂପ ବଢ଼ାଇ ଆଳତି ସମର୍ପଣ କରିଥିଲେ। ପଲେଇ ସେବକ ଆଗରୁ ଗୋମାତାଙ୍କ ପ୍ରତୀକ ଭାବେ ବାଛୁରି ଆଣି ତାକୁ ଚନ୍ଦନ ସିନ୍ଦୂର, ଫୁଲ ମାଳଦେଇ ପୂଜାକରି ଶାକର ନଡ଼ିଆ ଖୁଆଇ ଉକ୍ତ ବେଦି ଉପରେ ଡିଆଁଇବା ପରେ ମା’ଙ୍କ ଗହ୍ମାଡିଆଁ ପର୍ବ ଶେଷ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହୁଳହୁଳି, ଜୟ ଜୟକାର ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଠାକୁର ଠାକୁରାଣୀମାନେ ମନ୍ଦିର ଫେରିବା ବାଟରେ ପରିଚ୍ଛାଙ୍କ ଦ୍ୱାରମାନଙ୍କରେ ପନ୍ତିଭୋଗ ଖାଇ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ଫେରି ରାତ୍ରପହୁଡ଼ ହୋଇଥିଲେ।



## ୧୩୫ ଅଭିଯୋଗରୁ ଗୋଟିଏ ତତ୍କାଳ ସମାଧାନ

ବାଣପୁର/ବାଲୁଗାଁ,୨୦।୮(ଦିଲୀପ କୁମାର ସ୍ୱାଇଁ/ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକରେ ମଙ୍ଗଳବାର ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ପି ଅବିନାଶ କୁମାର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରିବାଳା ଜେନା, ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ଡା. ରାଜଲକ୍ଷ୍ମୀ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ, ତହସିଲଦାର ଚକ୍ରଧର ପାଢ଼ୀ, ବିଡିଓ ହଳଧର ଶବର, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗଦେଇଥିଲେ। ଶୁଣାଣି ପାଇଁ ବିଭିନ୍ନ ପଞ୍ଚାୟତରୁ ମୋଟ୍ ୧୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୧୨୯ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା। ତେବେ ଗୋଟିଏ ବ୍ୟକ୍ତିଗତ ଅଭିଯୋଗ ତତ୍କାଳ ଫଇସଲା ହୋଇଥିବା ବେଳେ ଜଣଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

## ଅଢ଼େଇ ବର୍ଷ ପରେ ବି ରାଜାଙ୍କ ସନ୍ଧାନ ପାଉନି ପୋଲିସ

**ଗାଈ ଚରାଇବାକୁ ଯାଇ ନିଖୋଜ ଘଟଣା**

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ପିଲୋ ଗ୍ରାମର ସନ୍ତୋଷ ବେହେରା ଓରଫ ରାଜା ୨୦୨୧ ଅକ୍ଟୋବର ୨୪ରେ ଗାଈ ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଏହି ଘଟଣାକୁ ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି। ଇତିମଧ୍ୟରେ ୩ଜଣ ଏସ୍‌ପିଙ୍କ ବଦଳି ହୋଇସାରଛି। ରାଜାଙ୍କ ସନ୍ଧାନ ପାଇଁ ପୋଲିସ ଚାରିଆଡ଼େ ନିରୁଦ୍ଦିଷ୍ଟ ପୋଷ୍ଟର ମାରିଥିଲେ ମଧ୍ୟ ସୁଫଳ ମିଳିଲାନି। ଫଳରେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, କୁମ୍ପିଲୋ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପୁଅ ରାଜା ୨୦୨୧ ଅକ୍ଟୋବର ୨୪ ପୂର୍ବାହ୍ନରେ ଗାଁ ପାଳି ଅନୁସାରେ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗାଈ ଗୋଠ ଗାଁକୁ ଫେରିଥିଲା, ହେଲେ ରାଜା ଫେରି ନ ଥିଲେ। ପରିବାରଲୋକେ ଚାରିଆଡେ ଖୋଜାଖୋଜି ଆରମ୍ଭ କରିଥିଲେ। ସନ୍ଧ୍ୟାରେ ପତନିବର ଅଞ୍ଚଳର କେତେଜଣ ଯୁବକ ଲକ୍ଷ୍ମୀଧରଙ୍କ ଘରକୁ ଆସି ରାଜା କାହିଁ ବୋଲି ପଚାରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜା ଘରକୁ ଫେରିନଥିଲା। ଏପରିକି ରାଜା ବ୍ୟବହାର କରୁଥିବା ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ସୁଇଚ ଅଫ୍ ଆସିଥିଲା। ଏନେଇ ୨୫ ତାରିଖରେ ଲକ୍ଷ୍ମୀଧର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ନିଖୋଜ ମାମଲା(ନଂ.୪୨/୨୧) ରୁଜୁ ହୋଇଛି। ଉକ୍ତଦିନ ସନ୍ଧ୍ୟାରେ ପତନିବାରରୁ ଆସିଥିବା ଯୁବକମାନେ ହିଁ ରାଜାକୁ ଅପହରଣ କରି କେଉଁଠି ଲୁଚାଇ ରଖିଛନ୍ତି। ତାଙ୍କୁ ଜୀବନରେ ମାରିଦେବାକୁ ଚକ୍ରାନ୍ତ କରୁଥିବା ନେଇ ପରିବାର ଲୋକେ ଥାନାକୁ ବାରମ୍ବାର ଦୌଡ଼ିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପୋଲିସ ଠାରୁ ନିରାଶ ହେବା ପରେ ପରିବାର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ଏବେ ଭଗବାନଙ୍କ ଭରସାରେ ରହିଛନ୍ତି। ନିଖୋଜର ୪ଦିନ ପରେ ପରିବାର ଲୋକେ, ଶତାଧିକ ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତତ୍କାଳୀନ ଏସ୍‌ପି ୨୪ ଘଣ୍ଟାରେ ରାଜାଙ୍କୁ ଖୋଜି ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ଘଟଣାକୁ ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ସନ୍ଧାନ ପାଇପାରି ନାହିଁ।

## ୨୮ରେ ପାଳନ ହେବ ଧର୍ମରକ୍ଷା ଦିବସ

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୮ ତାରିଖ ବ୍ରହ୍ମଲୀନ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ଦିବସକୁ ଧର୍ମରକ୍ଷା ଦିବସ ଭାବେ ପାଳନ କରାଯିବ। ଧର୍ମ ଜାଗରଣ ସମନ୍ୱୟ ବିଭାଗ ପକ୍ଷରୁ ସ୍ଥାନୀୟ ଗୀତାଭବନରେ ଏହି ଦିବସ ପାଳନ ନେଇ ସଂସ୍କୃତି ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୃସିଂହ ମହାପାତ୍ର, ଫକୀର ବେହେରା, କୀର୍ତ୍ତନ ମାର୍ଥା, ବେଲେଶ୍ୱର ସାହୁ, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀଙ୍କ ବିକାଶ, ରାଷ୍ଟ୍ରର ସୁରକ୍ଷା, ଧର୍ମରକ୍ଷା ପାଇଁ ଜୀବନବ୍ୟାପୀ ସାଧନା କରିଛନ୍ତି। ଗଠନମୂଳକ ସମାଜ ଦିଗରେ ତାଙ୍କ ଅବଦାନ ଅତୁଳନୀୟ। ସାଧୁସନ୍ଥ, ରାଷ୍ଟ୍ରପ୍ରେମୀମାନଙ୍କ ଉପସ୍ଥିତିରେ ଏହି ଦିବସ ପାଳନ ନେଇ ସ୍ଥିର ହୋଇଛି।

## ଅଭିଯୁକ୍ତ ସ୍ୱାମୀ ଏବେ ବି ନିଖୋଜ

**ସ୍ତ୍ରୀଙ୍କ ତଣ୍ଟିକାଟି ହତ୍ୟା ମାମଲା**

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗସ୍ଥିତ ଶ୍ୱଶୁରଘରେ ଧାରୁଆ ଅସ୍ତ୍ରରେ ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତିଙ୍କ ତଣ୍ଟିକାଟି ସ୍ୱାମୀ ଫେରାର ହେବା ମାମଲାକୁ ୨ ବର୍ଷ ୧୦ ମାସ ବିତିଗଲାଣି। ତଥାପି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ସନ୍ଧାନ ପାଇବାରେ ବିଫଳ ହୋଇଛି। ଅଫିସର ବଦଳିବା ପରେ ତଦନ୍ତରେ ଶୀଥିଳ ପଡ଼ିଯାଇଛି। ସୂଚନାଥାଉ କି, ଇନ୍ଦିରାଙ୍କ ପରିବାର ଗୁରୁଜଙ୍ଗ ପତିତପାବନ ଛକରେ ଏକ ଭଡ଼ାଘରେ ରୁହନ୍ତି। ୨୦୦୫ ମସିହାରେ ଇନ୍ଦିରା ଗୁରୁଜଙ୍ଗର କାର୍ତ୍ତିକ ପ୍ରଧାନଙ୍କୁ ପ୍ରେମବିବାହ କରିଥିଲେ। କାର୍ତ୍ତିକ ବ୍ୟବସାୟ କରୁଥିଲେ। ପାରବାରିକ ଅଶାନ୍ତି ଲାଗି ରହିବାରୁ ଇନ୍ଦିରା ପୁଅକୁ ଧରି ବାପଘରକୁ ଆସିଥିଲେ। କାର୍ତ୍ତିକ ଅନ୍ୟ ସ୍ଥାନରେ ଭଡ଼ା ଘରେ ରହୁଥିଲେ। ହତ୍ୟା ଘଟଣାର ସପ୍ତାହ ପୂର୍ବରୁ ଶ୍ୱଶୁରଘରକୁ ଆସି ରହୁଥିଲେ। ଇନ୍ଦିରାଙ୍କୁ ଜୀବନରେ ମାରିଦେବା ପାଇଁ କାର୍ତ୍ତିକ ପୂର୍ବରୁ ଯୋଜନା କରିଥିଲେ। ଘଟଣା ଦିନ ରାତିରେ ସେ ଘର ଭିତର କାନ୍ଥକୁ ଲାଗି ଏକ ଶିଡ଼ି ଆଣି ପକାଇଥିଲେ। ରାତିରେ ଖିଆପିଆ ସରିବା ପରେ ପରିବାର ଲୋକେ ଶୋଇଯାଇଥିଲେ। କାର୍ତ୍ତିକ ଓ ଇନ୍ଦିରା ଗୋଟିଏ ରୁମ୍‌ରେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧ଟାରେ କାର୍ତ୍ତିକ ଏକ ଧାରୁଆ ଅସ୍ତ୍ରରେ ଇନ୍ଦିରାଙ୍କ ବେକକୁ କାଟି ହତ୍ୟାକରି ସେଠାରୁ ଶିଡ଼ି ଦେଇ ବାହାରକୁ ଆସିଥିଲେ। ପରେ ଗୁରୁଜଙ୍ଗ ମେଲଣ ପଡ଼ିଆରେ ରହୁଥିବା ନିଜ ଘରକୁ ଯାଇ କବାଟ ବାଡ଼େଇଥିଲେ। କବାଟ ଖୋଲିବା ପରେ ସେ ସାନଭାଇଙ୍କୁ ବାଇକ୍ ମାଗିଥିଲେ। ଏତେ ରାତିରେ ବାଇକ୍ କ’ଣ ଦରକାର, କୁଆଡ଼େ ଯିବାକୁ ବାହାରିଛୁ ପଚାରିବାରେ, ସେ କିଛି ନ କହି ସେଠାରୁ ଦୌଡ଼ି ପଳାଇଥିଲେ। ସାନଭାଇଙ୍କ ସନ୍ଦେହ ହେବାରୁ ପତିତପାବନ ଛକରେ ରହୁଥିବା ଇନ୍ଦିରାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। କବାଟ ଖୋଲିବା ପରେ ଭାଉଜ କାହାନ୍ତି କହି ଘର ଭିତରକୁ ପଶି ଦେଖିବାବେଳେ ଇନ୍ଦିରାଙ୍କ ବେକକୁ କଟାଯାଇଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ।

## ଗାନ୍ଧୀ ସର୍କିଟ୍ ନିର୍ମାଣ ଦାବି ତେଜିଲା

- ମଞ୍ଜୁର ୫୦ ଲକ୍ଷ ପର୍ଯ୍ୟଟନ ବିଭାଗରେ ପଡ଼ିରହିଛି
- ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ବୋଲଗଡ଼,୨୦।୮(ଦେବବ୍ରତ ହୋତା)

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ଜନମାନସରେ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀ ସର୍କିଟ ପରିକଳ୍ପନା କରାଯାଇଥିଲା। ଗାନ୍ଧିଜୀ ଓଡ଼ିଶାର ଯେଉଁସବୁ ସ୍ଥାନକୁ ଆସିଥିଲେ ତାହାକୁ ଏକାଠି କରି ଗାନ୍ଧୀ ସର୍କିଟରେ ପରିଣତ କରିବାକୁ ୨୦୧୫ ମସିହାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ୨୦୧୯/୨୦ରୁ ବୋଲଗଡ଼ରେ ଗାନ୍ଧୀ ସର୍କିଟ ନିର୍ମାଣ ପାଇଁ ଅର୍ଥରାଶି ମଞ୍ଜୁର ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ଏହି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବୋଲଗଡ଼ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ନିବେଦନ କରାଯାଇଛି।

ସୂଚନାଥାଉ କି, ମହାତ୍ମା ଗାନ୍ଧୀ ୧୯୨୭ ଡିସେମ୍ବର ୯, ୧୦ ଓ ୧୧ ତାରିଖ ତିନିଦିନ ଧରି ବୋଲଗଡ଼ରେ ଅବସ୍ଥାନ କରିବା ସହ ଏଠାରେ ଅସ୍ପୃଶ୍ୟତା ଦୂରୀକରଣ, ନିଶା ନିବାରଣ, ନାରୀଶିକ୍ଷା, ନିର୍ଭିକତା ଓ ସୂତାକଟାକୁ ଅଗ୍ରାଧିକାର ଦେଇ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ତାଙ୍କର ରହଣି ସମୟରେ ତାଙ୍କ ସହ ମହାଦେବ ଦେଶାଇ, ଡ. କୈଳାସ ନାଥ କାଟଜୁ, ମୀରାବେନ ଓ ଦୀନବନ୍ଧୁ ଆଣ୍ଡ୍ରୁସ୍‌ଙ୍କ ଭଳି ଜାତୀୟସ୍ତରର ନେତୃମଣ୍ଡଳୀ ମଧ୍ୟ ଆସିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧୀଙ୍କ ରହଣିସ୍ଥଳଗୁଡ଼ିକୁ ଗାନ୍ଧୀ ସର୍କିଟ୍ ଡେଷ୍ଟିନେଶନରେ ସାମିଲ କରିବା ପାଇଁ ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ୨୦୧୯ ଅଗଷ୍ଟ ୪ରେ ଘୋଷଣା କରିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ବୋଲଗଡ଼ର ପୂଜ୍ୟପୂଜା ସଂସଦ ପକ୍ଷରୁ ଏଠାରେ ଗାନ୍ଧୀ ସର୍କିଟ ନିର୍ମାଣ କାର୍ଯ୍ୟ କରିବା ପାଇଁ ୨୦୧୯ ଅଗଷ୍ଟ ୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କୁ ଜଣାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ବିଭାଗ ୨୦୨୦ ଫେବୃଆରୀ ୨୪ରେ ଓଟିଡିସିର ପରିଚାଳନା ନିର୍ଦ୍ଦେଶକଙ୍କୁ ଗାନ୍ଧୀ ସର୍କିଟ ନିର୍ମାଣ କାର୍ଯ୍ୟ କରିବା ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଚିଠିକୁ ପଠାଇଥିଲେ। ଏ ସମ୍ପର୍କରେ ବୋଲଗଡ଼ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୨୦୨୩ ଜାନୁଆରୀ ୩୦ ଏବଂ ୨୦୨୪ ଜୁଲାଇ ୧ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଚିଠି ଦ୍ୱାରା ଅବଗତ କରାଯାଇଛି। ଅଦ୍ୟାବଧି ୨୦୧୯-୨୦ ଆର୍ଥିକ ବର୍ଷରୁ ମଞ୍ଜୁର ହୋଇଥିବା ଅର୍ଥରାଶି ଖର୍ଚ୍ଚ ନ ହୋଇ ପର୍ଯ୍ୟଟନ ବିଭାଗରେ ପଡ଼ିରହିଛି। ତେବେ ମଞ୍ଜୁର ହୋଇଥିବା ୫୦ ଲକ୍ଷ ଅର୍ଥରାଶିକୁ ବିନିଯୋଗ କରାଇ ବୋଲଗଡ଼ରେ ଗାନ୍ଧୀ ସର୍କିଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମଞ୍ଚ ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ରାଧେଶ୍ୟାମ ରାୟଗୁରୁ ମହାପାତ୍ର, ଦିବାକର ପରମଗୁରୁ, ରଘୁନାଥ ଦଳବେହେରା, ଅଇଁଠୁ ରଣଜିତସିଂ ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି।



ବୋଲଗଡ଼ ଖଦି କେନ୍ଦ୍ର ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି।

# ଆନ୍ଦୋଳନରେ ଡାକ୍ତର, ନିରାଶ ରୋଗୀ



ଡାକ୍ତରଙ୍କ ଚେୟାର ଫାଙ୍କା ପଡ଼ିଛି।



ସ୍ତ୍ରୀ ଓ ପ୍ରସୂତି ବିଭାଗ ନିକଟରେ ଡାକ୍ତରଙ୍କୁ ରୋଗୀମାନେ ଅପେକ୍ଷା କରିଛନ୍ତି।

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଗତ ୬ଦିନ ହେଲା ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ଏପରିକି ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମେଡିକାଲର ବିଭିନ୍ନ ବିଭାଗରେ କାଁ ଭାଁ ରୋଗୀଙ୍କୁ ଦେଖିବାକୁ ମିଳୁଥିବାବେଳେ ବହୁ ବେଡ୍ ଖାଲିପଡ଼ିଛି। ମେଡିକାଲର ଜୁନିଅର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବାବେଳେ ଏହାକୁ ଡାକ୍ତରୀ ଛାତ୍ର ସଂଘ ଓ ହାଉସ ସର୍ଜନ ସଂଘ ସମର୍ଥନ ଜଣାଇଛି। ଜରୁରିକାଳୀନ ବା କାଜୁଆଲଟି ସେବା ବ୍ୟତୀତ ଅନ୍ୟ ସେବା ବନ୍ଦ ରହିଛି। ଏହାଦ୍ୱାରା ରୋଗୀ ସେବା ପ୍ରଭାବିତ ହେଉଛି। ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମଙ୍ଗଳବାର ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ବିଭାଗରେ ୨୪ ଘଣ୍ଟା ଡାକ୍ତର ନିୟୋଜିତ ରହୁଥିବା ବେଳେ ଏଠାରେ ଓପିଡି, ଆଇପିଡି, ଡ୍ୟୁଟି ରୁମ୍ ଓ କ୍ୟାବିନ ମଧ୍ୟ ରହିଛି। ଏଠାରେ ଥିବା ଓପିଡିରେ ପୂର୍ବାହ୍ନ ୧୦ଟା ବେଳୁ ରୋଗୀ ଦେଖା ଆରମ୍ଭ କରିଥାନ୍ତି ଡାକ୍ତର। କିନ୍ତୁ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଓପିଡିରେ ରୋଗୀ ଦେଖା ଆରମ୍ଭ ହୋଇ ନ ଥିଲା। ଫଳରେ ଗର୍ଭବତୀ ମହିଳାମାନେ ସକାଳୁ ଟିକେଟ କରି ବସିରହିଥିଲେ। ସେହିପରି ଉକ୍ତ ବିଭାଗର କ୍ୟାବିନରେ କାଁ ଭାଁ ରୋଗୀ ଥିବାବେଳେ ଅଧିକାଂଶରେ ତାଲା ପଡ଼ିଥିବା ନଜରକୁ ଆସିଥିଲା।

**ଏସ୍‌ସିବିରେ ସେବା ନ ପାଇ ଫେରିଲେ**

ଅନ୍ୟପଟେ ଉକ୍ତ ବିଭାଗରେ ଥିବା ଡାକ୍ତରଙ୍କ ଡ୍ୟୁଟିକକ୍ଷରେ ଅପରାହ୍ନ ୧ଟା ଯାଏ କୌଣସି ଡାକ୍ତର ନ ଥିବା ଚିତ୍ର ସାମ୍ନାକୁ ଆସିଛି। କେବଳ ନର୍ସିଂ ଅଫିସର ଉକ୍ତ ବିଭାଗରେ ରୋଗୀଙ୍କ ସେବା କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ବିଭାଗକୁ କଟକ ବିଡ଼ାନାସୀ ଅଞ୍ଚଳର ହେମଲତା ଦେଇ ଡାକ୍ତରଙ୍କ ପରାମର୍ଶ ମୁତାବକ ଅଲଟ୍ରାସାଉଣ୍ଡ ପାଇଁ ଆସିଥିବାବେଳେ ଆନ୍ଦୋଳନ ଯୋଗୁ ନିରାଶରେ ଫେରିଯାଇଥିବା ଜଣାପଡ଼ିଛି। ଆନ୍ଦୋଳନ ଯୋଗୁ ବ୍ୟାଟେରି ଗାଡ଼ିଚାଳକମାନେ ରୋଗୀଙ୍କୁ ଗୋଟିଏ ବିଭାଗରୁ ଅନ୍ୟତ୍ର ନେବା ପାଇଁ ମନା କରୁଛନ୍ତି। କେନ୍ଦ୍ରାପଡ଼ା ଅଞ୍ଚଳର ସରୋଜିନୀ ଦାସ ପେଟରେ ଯନ୍ତ୍ରଣା ହେବାରୁ ପ୍ରଥମେ କାଜୁଆଲଟିରେ ପହଞ୍ଚିଥିଲେ। ପରେ ମେଡିସିନ ବିଭାଗ ଓପିଡିରେ ଡାକ୍ତର ଦେଖାଇବାକୁ କହିବାରୁ ସେ ସେଠାକୁ ଯିବା ପାଇଁ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ। କିନ୍ତୁ ବ୍ୟାଟେରି ଗାଡ଼ିଚାଳକ ମନା କରିଦେଇଥିଲେ। ଫଳରେ ସରୋଜିନୀ ତାଙ୍କ ପୁଅ ସହଯୋଗରେ କଷ୍ଟେମଷ୍ଟେ ଓପିଡିକୁ ଯାଇଥିଲେ। ଅନ୍ୟପକ୍ଷରେ ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଡାକ୍ତରମାନେ ସେମାନଙ୍କ ସୁରକ୍ଷା ଦାବି କରି ଆନ୍ଦୋଳନ ଜାରି ରଖିଛନ୍ତି। ତାହାକୁ ନଜରରେ ରଖି ମେଡିକାଲରେ ବରିଷ୍ଠ ଡାକ୍ତର କାର୍ଯ୍ୟ କରିବେ ଏବଂ ଏହି ସମୟରେ ଛୁଟି ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବିଭାଗଗୁଡ଼ିକରେ ପୂର୍ବ ପରି ସମସ୍ତ ଡାକ୍ତର ଉପସ୍ଥିତ ନ ଥିଲେ ମଧ୍ୟ କେତେଜଣ ଡାକ୍ତର ରହି ରୋଗୀ ସେବା କରୁଛନ୍ତି। ଆନ୍ଦୋଳନର ଆଳ ଦେଖାଇ କେତେଜଣ ରୋଗୀଙ୍କୁ ଫେରାଇ ଦିଆଯିବା ଘଟଣା ଗଣମାଧ୍ୟମରୁ ଜାଣିବାକୁ ପାଇଛି, ମାତ୍ର ଏଭଳି ଅଭିଯୋଗ ମିଳିନାହିଁ। ଯଦି କୌଣସି ବ୍ୟକ୍ତି ଏଭଳି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

## କେନାଲରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ମଗୁଲି-ଜଗତପୁର,୨୦।୮(ମାନସ ସାମଲ)

ଜଗତପୁର ଥାନା ଅଞ୍ଚଳ କେନାଲରୁ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀଙ୍କ ୨୮ ଘଣ୍ଟା ପରିଶ୍ରମ ପରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ବିହାରର ବିକ୍ରେଶ ଯାଦବ। ସେ ଜଗତପୁର ଅଞ୍ଚଳରେ ଭଡ଼ା ଘରେ ରହି ଶ୍ରମିକ ଭାବେ କାମ କରୁଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୯ଟାରେ ବିକ୍ରେଶ ୩ ଜଣ ସାଙ୍ଗଙ୍କ ସହିତ କେନ୍ଦ୍ରାପଡ଼ା କେନାଲକୁ ଗାଧୋଇବାକୁ ଯାଇ ପାଣିକୁ ଡେଇଁଥିଲେ ମଧ୍ୟ ଉପରକୁ ଉଠିପାରି ନ ଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ବୋଟ୍ ସାହାଯ୍ୟରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ପରେ ମଙ୍ଗଳବାର ସକାଳୁ ଚାଉଳିଆଗଞ୍ଜ ଅଗ୍ନିଶମ ବିଭାଗ ମୃତଦେହ ଜବତ କରିଛି।

## ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପସ୍ଥିତି ଦାବି କଲା ଡାକ୍ତର ସଂଘ



ଡାକ୍ତରଙ୍କ ସହ ଆଲୋଚନା ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ।

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ଷଷ୍ଠ ଦିନରେ ପହଞ୍ଚିଲା ଆନ୍ଦୋଳନ**

ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘର ଆହ୍ୱାନକ୍ରମେ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆନ୍ଦୋଳନସ୍ଥଳକୁ ଆସି ସମ୍ପୃକ୍ତ ଡାକ୍ତରମାନଙ୍କ ସହିତ ଆଲୋଚନା କରିଛନ୍ତି। ଆନ୍ଦୋଳନକୁ ସେ ସମର୍ଥନ କରିବା ସହ ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅନ୍ତତଃପକ୍ଷେ ୭ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହାକୁ ଦୃଢ଼ ବିରୋଧ କରିବା ସହ ବର୍ତ୍ତମାନର ବିଧାୟକଙ୍କ ଅନୁପସ୍ଥିତି ନେଇ ଆନ୍ଦୋଳନରତ ଡାକ୍ତରମାନେ ପ୍ରଶ୍ନ ଉଠାଇଥିଲେ। ଏନେଇ ଜୁନିୟର ଡାକ୍ତର ସଂଘର ଉପସଭାପତି ଡା. ବିଜୟଶ୍ରୀ ଦୁର୍ଗାପ୍ରସାଦ ରାଉତ କହିଛନ୍ତି, ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଜାରି ରହିବ। ଆଜିକୁ ୬ଦିନ ହେବ ଆନ୍ଦୋଳନ କରୁଛୁ, କିନ୍ତୁ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି କି ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିନାହାନ୍ତି। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତ ଦାବି କରୁଛୁ। ଏହି ପ୍ରସଙ୍ଗରେ ରାଜନୀତି କରା ନ ଯାଇ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ରାଉତ କହିଛନ୍ତି। ଅନ୍ୟପଟେ ପୂର୍ବତନ ବିଧାୟକ ବିଶ୍ୱାଳ କହିଛନ୍ତି, ବର୍ତ୍ତମାନର ବିଧାୟକ ଜରୁରୀ କାର୍ଯ୍ୟ ଯୋଗୁ ଉପସ୍ଥିତ ରହିପାରିନାହାନ୍ତି। ଏସ୍‌ସିବି ରାଜ୍ୟର ବୃହତ ମେଡିକାଲ। ଏଠାରେ ଡାକ୍ତରଙ୍କ ଆନ୍ଦୋଳନ ୬ଦିନ ହେଲାଣି, ତେଣୁ ରାଜ୍ୟ ସରକାର ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଆର୍.ଜି.କର ମେଡିକାଲ କଲେଜରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଥିବାବେଳେ ଏସ୍‌ସିବି ମେଡିକାଲରେ ୬ଦିନ ହେବ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଛି। ଏହାକୁ ଡାକ୍ତରୀ ଛାତ୍ର ସଂଘ ଓ ହାଉସ ସର୍ଜନ ସଂଘ ସମର୍ଥନ କରିଛି।

## ଗଣେଶ ଭସାଣି ପ୍ରସ୍ତୁତି ବୈଠକ

**ବିକୃତ ମୂର୍ତ୍ତି ଉପରେ ଅଙ୍କୁଶ**

ଚୌଦ୍ୱାର,୨୦।୮(ଆଶୁତୋଷ ଦାସ)

ଚଳିତବର୍ଷର ଗଣେଶ ଭସାଣି ଉତ୍ସବ ନିମନ୍ତେ ଚୌଦ୍ୱାର କମିଶନରେଟ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଥାନା ସଭା ଗୃହରେ ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୋନ-୧ ଏସିପି ଅରୁଣ ସ୍ୱାଇଁ ଯୋଗଦେଇ ପୂଜା ମଣ୍ଡପ ଓ ଭସାଣି ଉତ୍ସବ ସମ୍ପର୍କିତ ନିୟମ କାନୁନ ଉପରେ ଧାରଣା ପ୍ରଦାନ କରିଥିଲେ। ଚଳିତବର୍ଷ ପୂଜା ମଣ୍ଡପରେ ବିକୃତ ମୂର୍ତ୍ତି ନିର୍ମାଣକୁ ନିଷେଧ କରାଯିବା, ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହିତ ସିସିଟିଭି କ୍ୟାମେରା ଲଗାଇବାକୁ ମଣ୍ଡପ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ପୂଜା ମଣ୍ଡପ ସ୍ଥାନୀୟ ଆର୍ ଆଣ୍ଡ ବି କାର୍ଯ୍ୟାଳୟରୁ ପୂଜା ମଣ୍ଡପ ଅନୁମତିପତ୍ର ଆଣିବାର ଆବଶ୍ୟକତା ଥିବା ସ୍ୱାଇଁ ସୂଚନା ଦେଇଥିଲେ। ଆସନ୍ତା ୧୫, ୨୨ ଓ ୨୯ ତାରିଖ ୩ଟି ପର୍ଯ୍ୟାୟରେ ଭସାଣି କାର୍ଯ୍ୟକ୍ରମ କରାଯାଇ ଚୌଦ୍ୱାର ସହରରେ କରାଯାଉଥିବା ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଗଣେଶ ମେଢ ବିସର୍ଜନ କରାଯିବ। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଉପରେ ସମସ୍ତ କମିଟି ଗୁରୁତ୍ୱ ପ୍ରଦାନ କରିବା ସହିତ ଶବ୍ଦ ପ୍ରଦୂଷଣ ଓ ଆତସବାଜି ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ଏସିପି ସୂଚନା ଦେଇଛନ୍ତି। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ କମିଟି କର୍ମକର୍ତ୍ତା ସୁଧାକର ମହାପାତ୍ର, ଅଜୟ ବେହେରା ପ୍ରମୁଖଙ୍କ ସମେତ ଗଣେଶ ପୂଜା ମଣ୍ଡପଗୁଡ଼ିକର ସଭାପତି, ସମ୍ପାଦକ ଓ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଧନ୍ୟବାଦ ଦେଇଥିଲେ।



କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ମଙ୍ଗଳବାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ପକ୍ଷରୁ ଅନୁଷ୍ଠିତ 'କଳାକ୍ରାନ୍ତି ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ଅତିଥି ତଥା ପଶ୍ଚିମବଙ୍ଗ ରାଜ୍ୟପାଳ ସି. ଭି. ଆନନ୍ଦ ବୋଷ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଏବଂ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ସମ୍ମାନିତ କରୁଛନ୍ତି।

## 'ଦେଶକୁ ସୁଦୃଢ଼ କରିବେ ଯୁବପିଢ଼ି'

କଟକ,୨୦।୮ (କାର୍ତ୍ତିକ ସାହୁ)

ଆଜିର ଯୁବପିଢ଼ି ଶକ୍ତିମାନ ହେବାର ଆବଶ୍ୟକତା ରହିଛି। ଯୁବପିଢ଼ି ଶକ୍ତିମାନ ହେଲେ ଦେଶକୁ ସୁଦୃଢ଼ କରିବେ ବୋଲି ୟୁନାଇଟେଡ୍ କ୍ଲବ ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ କ୍ଲବ ଚେୟାରମ୍ୟାନ ପ୍ରକାଶ କୁମାର ନନ୍ଦ କହିଛନ୍ତି। ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଚେୟାରମ୍ୟାନ୍ ନନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କ୍ଲବ ସଭାପତି ଶିବଶଙ୍କର ସାହୁ, ସମ୍ପାଦକ ପୀତବାସ ସାହୁ, ଅନୁପ କୁମାର ବିଶ୍ୱାଳ, ଜନାବ ଜାହାଙ୍ଗୀର, ଜ୍ୟୋତି ବିଶ୍ୱାଳ ଓ ରୁନା ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ତି ମାନ୍ୟତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ମଗୁଲି-ଜଗତପୁର,୨୦।୮(ମାନସ ସାମଲ)

**ଉଚ୍ଛେଦ ନୁହେଁ, ଥଇଥାନ ପାଇଁ ପ୍ରତିଶ୍ରୁତି ଦେଲେ ଜିଲାପାଳ**

ଦୀର୍ଘ ୭୦ବର୍ଷ ଧରି ଚୌଦ୍ୱାର ପୌରପାଳିକାର ୮ନଂ. ୱାର୍ଡର ଦୁର୍ଗା ବଜାର ସାହି ଓ ମୁଣ୍ଡାସାହିରେ ରହି ଆସୁଥିବା ସହରାଞ୍ଚଳ ବସ୍ତି ଯୋଜନାରେ ସାମିଲ କରିବାକୁ ଦାବି ଜୋର ଧରିଛି। ମଙ୍ଗଳବାର ଭାଜପା ନେତା ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ କଟକ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ସାହିରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ରହି ଆସୁଛନ୍ତି। ସାହିଟି ଓଡ଼ିଶା ସରକାରଙ୍କ ଭୂ-ଲେଖ ନକ୍ସାରେ ୧୯୫୪ ମସିହାରୁ ବସ୍ତି ଚିହ୍ନଟ ହୋଇ ଏଠାରେ ୨୦୧୪ ମସିହାରୁ ୨ଟି ମହିଳା ଆରୋଗ୍ୟ ସମିତି, ୧୪ଟି ସ୍ୱୟଂ ସହାୟକ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍ଥାନୀୟ ବାସିନ୍ଦା ଘରକୁ ସରକାର ବିଦ୍ୟୁତ୍ ସଂଯୋଗ, ଜଳ ଯୋଗାଣ ଓ ବସ୍ତିର ଶତକଡ଼ା ୮୨ ଭାଗ ଲୋକ ରାଶନ କାର୍ଡଧାରୀ ଅଛନ୍ତି। ଦୁଃଖ ଓ ପରିତାପର ବିଷୟ, ଚୌଦ୍ୱାର ପୌରପାଳିକା ବସ୍ତି ତାଲିକାରେ ଉପରୋକ୍ତ ବସ୍ତି ଦ୍ୱୟ ସ୍ଥାନ ପାଇ ନ ଥିଲା। ଯଥାଶୀଘ୍ର ଉକ୍ତ ବସ୍ତିର ଜାଗା ଚିହ୍ନଟ କରି ପୂର୍ଣ୍ଣ ରୂପେ ବସ୍ତି ମାନ୍ୟତା ପ୍ରଦାନ କରାଯାଉ ବୋଲି ଉଲ୍ଲେଖ ରହିଛି। ଆଗାମୀ ୧୫ଦିନ ଭିତରେ କାର୍ଯ୍ୟ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଦୂରଭାଷ ଯୋଗେ ଟାଙ୍ଗି-ଚୌଦ୍ୱାର ତହସିଲଦାରଙ୍କ ସହ ଆଲୋଚନା କରି ବର୍ତ୍ତମାନ ଉଚ୍ଛେଦ କରାଯିବ ନାହିଁ ଆଗ ଥଇଥାନ କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ସଭାପତି ଜୀବନ ବଲ୍ଲଭ ବଳ, ପ୍ରଫୁଲ୍ଲ ମହାନ୍ତି, ସମ୍ପାଦକ ନବ କିଶୋର ସାହୁ, ପ୍ରମୋଦ ସାହୁ, ବିଧାନ ମହାରଣା, ଈଶ୍ୱରୀ ମହାନ୍ତି, ଝୁନୁରାଣୀ ଦାସ, ଧନେଶ୍ୱର ନାୟକ, ମେନକା ନାୟକ, ରେଣୁ ବାଳା ବେହେରା, ବାସନ୍ତୀ ବେହେରା, ଅଜୟ ରାଉତ, ବିବେକ ସାମଲ ପ୍ରମୁଖଙ୍କ ସମେତ ଶତାଧିକ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

## 'ଗୋପୀନାଥଙ୍କ ସୃଷ୍ଟିରେ ଗାନ୍ଧିବାଦର ସ୍ୱର ପ୍ରତିଫଳିତ'

କଟକ,୨୦।୮(କାର୍ତ୍ତିକ ସାହୁ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରାଦ୍ଧୋତ୍ସବ**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ପଦ୍ମଭୂଷଣ ଡ. ଗୋପୀନାଥ ମହାନ୍ତିଙ୍କ ୩୩ତମ ଶ୍ରାଦ୍ଧୋତ୍ସବ ସାରଳା ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଜ୍ଞାରତ୍ନ ସହଦେବ ସାହୁ କହିଲେ ଗୋପୀନାଥ ମହାନ୍ତି ଓଡ଼ିଆ କଥା ସାହିତ୍ୟ ଜଗତର ମୁକୁଟବିହୀନ ସମ୍ରାଟ ଥିଲେ। ବରେଣ୍ୟ ବକ୍ତା ପ୍ରଫେସର ଡ. ବିଜୟ କୁମାର ଶତପଥୀ କହିଲେ, ଗୋପୀନାଥଙ୍କ ସୃଷ୍ଟିରେ ଗାନ୍ଧିବାଦର ସ୍ୱର ପ୍ରତିଫଳିତ। ସାମାଜିକ ଶୋଷଣ ବିରୁଦ୍ଧରେ ସେ ସର୍ବଦା ଲେଖନୀ ଚାଳନା କରିଛନ୍ତି। ଦରିଦ୍ର, ଖଟିଖିଆ, ହରିଜନ ଓ ଆଦିବାସୀମାନଙ୍କର ଅଧିକାର ସାବ୍ୟସ୍ତ ପାଇଁ ତାଙ୍କ ଲେଖନୀ ସଦା ଚଞ୍ଚଳ ଥିଲା। ବରେଣ୍ୟ ବକ୍ତା ପ୍ରଫେସର ଡ. ଯତୀନ୍ଦ୍ର କୁମାର ନାୟକ କହିଲେ, ଜୀବନ ଯୁଦ୍ଧରେ ଜର୍ଜରିତ ମଣିଷର ବେଦନାବୋଧକୁ ଗୋପୀନାଥ ସୁନ୍ଦର ଭାବରେ ରୂପାୟନ କରିଛନ୍ତି। ସାରଳା ଦାସ ଓ ଫକୀରମୋହନଙ୍କ ପରେ ଓଡ଼ିଆ ଜନଜୀବନର ସଫଳ ରୂପକାର ହେଉଛନ୍ତି ଗୋପୀନାଥ ମହାନ୍ତି। ତାଙ୍କ ରଚିତ 'ମାଟି ମଟାଳ' ଉପନ୍ୟାସ ବିଶ୍ୱ ସାହିତ୍ୟରେ ଅନନ୍ୟ ସୃଷ୍ଟି। ସଭାପତି ଡ. ସ୍ୱାଇଁ କହିଲେ, ଗୋପୀନାଥ ମହାନ୍ତି ଥିଲେ ଓଡ଼ିଆ ସାହିତ୍ୟର ଜଣେ ଯୋଗଜନ୍ମା ଓ ମାନବବାଦୀ ସ୍ରଷ୍ଟା। ତାଙ୍କ ରଚିତ ଅମୃତର ସନ୍ତାନ, ଲୟ ବିଲୟ, ଦାନାପାଣି, ହରିଜନ ଆଦି ଉପନ୍ୟାସ ଆମ ସାହିତ୍ୟର ଅମୂଲ୍ୟ ସଂପଦ। ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ, କ୍ଷୀରୋଦ କୁମାର ସାହୁ ଓ ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାନ୍ତିବାଳା ନାୟକ ଧନ୍ୟବାଦ ଦେଇଥିଲେ। ଡା. ନିମାଇଁ ଚରଣ ପରିଡା, ପ୍ରସନ୍ନ କୁମାର ଜେନା, ଇଂ. ସୁଶାନ୍ତ କୁମାର ସେଠୀ, ଡ. ବୈଜୟନ୍ତୀ ମିଶ୍ର, ପ୍ରଫେସର ଓଁକାର ନାଥ ମହାନ୍ତି, ଅମୃତନାଥ ମହାନ୍ତି ଏବଂ ଡ. ନିବେଦିତା ମହାନ୍ତିଙ୍କ ସମେତ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ଶତାବ୍ଦୀ ଭବନରେ ଅନୁଷ୍ଠିତ ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀର ଉଦ୍‌ଯାପନୀ ସମାରୋହରେ ପ୍ରଫେସର ଡ. ନିରଞ୍ଜନ ତ୍ରିପାଠୀଙ୍କୁ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏବଂ ପ୍ରଫେସର ଡ. ଭାରତୀ ବେହେରାଙ୍କୁ ଉଦ୍ଭିଦ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡ. ହରିହର ପଟ୍ଟନାୟକ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଉଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬ଦଫା ସମ୍ମିଳିତ ଦାବି ନେଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ କଟକ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ରାଜକିଶୋର ମହାନ୍ତି)

# ବାଲ୍ୟବିବାହ ରୋକିବାରେ ଗୋଷ୍ଠୀ ବେତାର କେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ୫ ଦିନ ବ୍ୟାପୀ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଘାଟନ

କୋଣାର୍କ,୨୦।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଯାତ୍ରୀ ନିବାସରେ ୫ ଦିନିଆ ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର କେନ୍ଦ୍ର ପ୍ରସାରକମାନଙ୍କ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଜିର ସମାଜରେ ସାଧାରଣ ଲୋକଙ୍କ ବ୍ୟବହାରିକ ପରିବର୍ତ୍ତନ ଦିଗରେ ଗୋଷ୍ଠୀ ବେତାର କେନ୍ଦ୍ର ଓ ସାମାଜିକ କର୍ମକର୍ତ୍ତାଙ୍କ ଭୂମିକାକୁ ନେଇ ଆଲୋକପାତ କରାଯାଇଛି। ବାଲ୍ୟବିବାହ, ଦଣ୍ଡବିଧି ଆଇନ ଓ ପରିଣାମ ସହ ସାମାଜିକ ସଚେତନତା, କୋମଳମତି ଶିଶୁଙ୍କ ସୁରକ୍ଷା, ପୋକ୍‌ସୋ ଆଇନର ସଚେତନତା, କୁମାରୀ ମାତୃତ୍ୱ ରୋକ୍ ଲାଗିବା, ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା, ଶିଶୁ ଓ ମାଆଙ୍କ ଶାରୀରିକ ବିକାଶରେ ସଚେତନତାର ଆବଶ୍ୟକତା, କିଶୋରୀ ଓ କିଶୋରଙ୍କୁ ଜୀବନ କୌଶଳ ଶିକ୍ଷା, ଲିଙ୍ଗଗତ ଭେଦଭାବ ଦୂର କରି ଶିଶୁଙ୍କ ଶିକ୍ଷା ତଥା ଦକ୍ଷତା ବୃଦ୍ଧିରେ ନିବେଶ କରିବାକୁ ଅଭିଭାବକଙ୍କୁ ପ୍ରବର୍ତ୍ତାଇବା, ବାଲ୍ୟ ବିବାହକୁ ଆଗୁଆ ଚିହ୍ନଟ କରି ଉଭୟ ପୁଅ ଓ ଝିଅଙ୍କୁ ସୁରକ୍ଷିତ ରଖିବା ସମ୍ପର୍କରେ ଗୋଷ୍ଠୀ ବେତାର କେନ୍ଦ୍ରରେ ପ୍ରସାରଣ ନିମନ୍ତେ ବିଷୟ ପ୍ରସ୍ତୁତ କରିବାକୁ ଅଭ୍ୟସ୍ତ କରାଯାଇଥିଲା। ରାଜ୍ୟ ଗୋଷ୍ଠୀ ବେତାର ମହାସଂଘ ସଭାପତି ଏସ୍. ଏ. ସଫିକ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟରେ ୟୁନିସେଫ୍‌ର ବିଶେଷଜ୍ଞ ଡ. ସୁଗତ ରାୟ, ପରାମର୍ଶଦାତା ଶାରଦା ଲାହାଙ୍ଗୀର, ତଜୀନ କ୍ୟୁରେଶୀ, ରେଡିଓ ଆଉଟ୍‌ରିଚ ନିର୍ଦ୍ଦେଶକ ସୁବ୍ରତ ପତି ପ୍ରମୁଖଙ୍କ ସମେତ ଓଡ଼ିଶାର ୨୫ଟି ଗୋଷ୍ଠୀ ବେତାର କେନ୍ଦ୍ର ପ୍ରସାରକମାନେ ଯୋଗ ଦେଇଛନ୍ତି। ଆୟୋଜକ ୟଙ୍ଗ ଇଣ୍ଡିଆର ସଭାପତି ବରିଷ୍ଠ ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ୍. ଏ. ଶାହା ଅନସାରୀ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କର୍ମଶାଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଦିବସରେ ରାଜ୍ୟର ବରିଷ୍ଠ ଗଣମାଧ୍ୟମ ବିଶେଷଜ୍ଞ ଯୋଗ ଦେବେ। କର୍ମଶାଳାକୁ ରୋଜାଲିନ୍, ଅନୁପ, କାଜଲ ପ୍ରମୁଖ ପରିଚାଳନା କରୁଛନ୍ତି।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।


ପୁରୀ: ନନ୍ଦିଘୋଷ ରଥକୁ ମଙ୍ଗଳବାର ଭଙ୍ଗାଯାଉଛି ।

# ‘ଏକ୍ ପେଡ୍ ମାଆ କେ ନାମ୍’ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ପୁରୀ, ୨୦।୮ (ଅଜିତ କୁମାର ମହାନ୍ତି)

ପ୍ରକୃତିବନ୍ଧୁ ବଦ୍ରି ମିଶ୍ରଙ୍କ ପରିବେଶ ସମ୍ପର୍କିତ ପୁସ୍ତକ ‘ଏକ୍ ପେଡ୍ ମାଆ କେ ନାମ୍’କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରିଛନ୍ତି। ସୋମବାର ଗହ୍ମାପୂର୍ଣ୍ଣିମା ଅବସରରେ ଏହି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ବଦ୍ରି ମିଶ୍ର ମା’ଙ୍କ ନାମରେ ଅନେକ ଶିକ୍ଷାନୁଷ୍ଠାନରେ ବିଭିନ୍ନ ଚାରା ସମେତ ତାଳବଣିଆରେ ତାଳଗଛ ଲଗାଇଥିଲେ। ଉକ୍ତ ପୁସ୍ତକରେ ମିଶ୍ରଙ୍କ ଦ୍ୱାରା ଦୀର୍ଘ ୫୦ ବର୍ଷ ଭିତରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ନାନା କିସମର ଏକଲକ୍ଷ ଏକୋଇଶି ହଜାର ଚାରାରୋପଣର ସ୍ଥାନ, ତାରିଖ, ସମୟ ସହ ବିଶ୍ୱ ପରିବେଶ, ଭାରତରେ ଜଳବାୟୁ ସନ୍ତୁଳନ, ବୃକ୍ଷର ଔଷଧୀୟ ଏବଂ ଆବଶ୍ୟକ ସୂଚନା, ମାନବ ସମାଜ ପାଇଁ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ବିଶଦ ତଥ୍ୟ ରହିଛି। ସୂଚନାଯୋଗ୍ୟ, ମିଶ୍ରଙ୍କ ରଚିତ ‘ମୋ ଗଛ-ମୋ ଜୀବନ’ ପୁସ୍ତକକୁ ଗତବର୍ଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ‘ଗଛ ବି କଥାକହେ’ ପୁସ୍ତକକୁ ତତ୍କାଳୀନ ରାଜ୍ୟପାଳ ଗଣେଶୀ ଲାଲ୍ ଉନ୍ମୋଚନ କରିଥିଲେ। ସେହିପରି ଚଳିତବର୍ଷ ରାଜ୍ୟପାଳ ରଘୁବୀର ଦାସ ତାଙ୍କ ରଚିତ ‘ମାଆ ପାଇଁ ଗଛଟିଏ’ ପୁସ୍ତକ ଉନ୍ମୋଚନ କରିଥିଲେ। ଉତ୍ସବରେ ବିଶିଷ୍ଟ ସଂସ୍କୃତ ଗବେଷକ ଡ. ଜଗବନ୍ଧୁ ମିଶ୍ରଙ୍କ ସମେତ ଅନେକ ପ୍ରକୃତିପ୍ରେମୀ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କେନାଲରୁ ଯୁବକଙ୍କ ମୃତଦେହ ଜବତ

ପିପିଲି,୨୦।୮ (ପ୍ରଭାତ ମହାପାତ୍ର)

ପିପିଲି ଚିଲଡ୍ରେନ୍ ପାର୍କ ନିକଟ ବଡ଼ କେନାଲରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ କଣାସ ଗଡ଼ିଶାଗଦା ଗାଁର ବିପିନ ସେଠୀ (୩୦) ବୋଲି ଜଣାପଡ଼ିଛି। ବିପିନ ସୋମବାର ସକାଳୁ ନିଖୋଜ ହେଉଥିବାବେଳେ ପରିବାର ଲୋକ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳ ସମୟରେ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବାବେଳେ ବିପିନ ପିପିଲିର ଏକ ଗ୍ୟାରେଜ ଦୋକାନରେ କାମ କରୁଥିବା ବୋଲି ଜଣାପଡ଼ିଛି। ତେବେ ବିପିନ ସ୍ଥାନୀୟ ଅଞ୍ଚଳର ଭଡ଼ା ଘରେ ରହୁଥିଲେ। ସୋମବାର ରାଖୀ ପୂର୍ଣ୍ଣିମା ଥିବାରୁ ଗାଁରୁ ଭଉଣୀମାନେ ରାଖୀ ପିନ୍ଧାଇବାକୁ ଆସି ତାଙ୍କୁ ପାଇ ନ ଥିଲେ। ବିପିନଙ୍କୁ ଘରେ ନ ପାଇ ଫୋନ ଲଗାଇଥିଲେ। ହେଲେ ତାଙ୍କ ଫୋନ ସୁଇଚ ଅଫ ଥିବା ଭଉଣୀ କହିଛନ୍ତି। ସୂଚନାଥାଉ କି, ମୃତ ଯୁବକଙ୍କ ବାଇକ୍ ଓ ପିନ୍ଧା ଲୁଗା କେନାଲ ବନ୍ଧ ଉପରେ ରହିଥିବାବେଳେ ତାଙ୍କ ମୃତ୍ୟୁର ରହସ୍ୟ ଅସ୍ପଷ୍ଟ ରହିଛି।

### ସୋମେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ

ଅସ୍ତରଙ୍ଗ,୨୦।୮ (ମମତା ଜେନା)

କାକଟପୁରର ପ୍ରସିଦ୍ଧ ଶୈବପୀଠ ସୋମେଶ୍ୱର ମହାଦେବଙ୍କ ପୀଠରେ ସୋମେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସଂସଦର ବରିଷ୍ଠ ଉପଦେଷ୍ଟା ତଥା ମା’ ମଙ୍ଗଳା ମନ୍ଦିର ଟ୍ରଷ୍ଟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ସାଧୁଚରଣ ବିଶ୍ୱାଳ, କୃଷ୍ଣପ୍ରସାଦ ବିଶ୍ୱନାଥ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପରିଡ଼ା, ସଭାନେତ୍ରୀ ମଞ୍ଜୁଳା ଷଡ଼ଙ୍ଗୀ, ରେଣୁବାଳା ନାୟକ, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର, ସାମାଜିକ କର୍ମୀ ରଶ୍ମିରଞ୍ଜନ ମହାନ୍ତି, ସଂସ୍କୃତ ବିଦ୍ୱାନ ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗଙ୍ଗାଧର ମେହେରଙ୍କ କୃତି, ଇନ୍ଦୁମତୀ, ଅର୍ଘ୍ୟଥାଳି, କୀଚକ ବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ ପ୍ରଭୃତି କାବ୍ୟ ମଧ୍ୟରୁ ନାରୀ ଚରିତ୍ର ସମ୍ପର୍କରେ ଆଲୋଚନା କରି ଓଡ଼ିଆ ଭାଷାକୁ ବିକାଶମୁଖୀ କରିବାକୁ ବକ୍ତବ୍ୟ ମାଧ୍ୟମରେ ଉତ୍କଳ ଭାଷାପ୍ରେମୀଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ କବୟିତ୍ରୀ ଓ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

### ବୃକ୍ଷକୁ ଆତ୍ମୀୟ ଭାବି ସୁରକ୍ଷା ଦେବା ଆବଶ୍ୟକ

ସାକ୍ଷୀଗୋପାଳ,୨୦।୮ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ଜନାର୍ଦ୍ଦନ ପାଠାଗାର ପକ୍ଷରୁ ମଙ୍ଗଳବାର ଅଳଗୁମ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଠାଗାର ସଭାପତି ଡାକ୍ତର ଯୋଗେନ୍ଦ୍ର ନାୟକ ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଅଳଗୁମ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ୍ ମିଶ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡା. ଦେବାଶିଷ କାନୁନ୍‌ଗୋ, ଜ୍ୟୋତିରଞ୍ଜନ ଶତପଥୀ, ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନେକ ଔଷଧୀୟ ବୃକ୍ଷର ଚାରାରୋପଣ କରିଥିଲେ। ସମ୍ପ୍ରତିକ ସମୟରେ ଜଙ୍ଗଲର ଅବକ୍ଷୟ ଯୋଗୁ ତା’ର ପରିଣାମ ମାନବ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ମାନବ ସମାଜକୁ ରକ୍ଷା କରିବାକୁ ଜଙ୍ଗଲ ସୃଷ୍ଟି ସହ ଚାରାରୋପଣ ଅତ୍ୟନ୍ତ ଜରୁରୀ। ପରିବାରରେ ଆମେ ଯେଉଁଭଳି ସ୍ନେହ, ଶ୍ରଦ୍ଧା, ପ୍ରେମ ସହ ବଞ୍ଚୁଛେ, ସେହିଭଳି ବୃକ୍ଷକୁ ନିଜର ଆତ୍ମୀୟ ଭାବି ସୁରକ୍ଷା ଦେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପାଠାଗାର ସମ୍ପାଦକ ପ୍ରଶାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧିରଞ୍ଜନ ବିଶ୍ୱାଳ, କୁବେର ପ୍ରଧାନ, ଯଯାତି ରାୟ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ଘଟଣାର ଭିଡିଓ ଭାଇରାଲ

ପୁରୀ,୨୦।୮ (ଅଜିତ କୁମାର ମହାନ୍ତି )

ଟାଉନ୍ ଥାନା ଆନ୍ତଗତ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍‌ଠାରେ ସୋମବାର କେତେଜଣ ଦୁର୍ବୃତ୍ତ ହରିହର ସାହୁଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ହତ୍ୟା ଘଟଣା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଦୁର୍ବୃତ୍ତମାନେ ଅତି ନିର୍ମମ ଭାବେ ହରିହରଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରିଥିବା ଭିଡିଓରେ ଦେଖିବାକୁ ମିଳିଛି। ଆକ୍ରମଣ ସମୟରେ ଭିଡିଓରେ କେତେଜଣ ଦୁର୍ବୃତ୍ତ ମୁଣ୍ଡ ଉପରକୁ ଆକ୍ରମଣ କରିବା ପାଇଁ କହୁଥିବା ଶୁଣିବାକୁ ମିଳୁଛି। ହତ୍ୟା ପରେ ବାଇକ୍ ଷ୍ଟାର୍ଟ କରି ଖସିଯିବା ପାଇଁ ମଧ୍ୟ କହୁଥିବା ଭିଡିଓରେ ଶୁଣିବାକୁ ମିଳିଛି।

## କାକଟପୁର ଯୁବ କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

କାକଟପୁର,୨୦।୮ (ଶୁଭଦର୍ଶନ ମିଶ୍ର)

କୋଲକାତା ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ସାରା ଦେଶକୁ ଦୋହଲାଇ ଦେଇଥିବାବେଳେ ଉକ୍ତ ଘଟଣାର ନ୍ୟାୟ ଦାବି କରାଯାଇଥିବା ପୁରୀ ଜିଲା କାକଟପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ସୋମବାର କାକଟପୁର ଯୁବ କଂଗ୍ରେସ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲବୋରି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଣୟ ସାହୁ, ଜଳେଶ୍ୱରପଡ଼ା ସରପଞ୍ଚ ଜିତେନ୍ଦ୍ର ବେହେରା, ଧୁମାଳ ଗ୍ରା.ପ ପୂର୍ବତନ ସରପଞ୍ଚ ମାନସ ସେନାପତି, ମିଥୁନ କାଣ୍ଡି, ତପନ ଦାସ, ପିନାକୀ ନାୟକ, କ୍ଷୀରୋଦ ବିଶ୍ୱାଳ, ସୁଦାମ ପ୍ରଧାନ, ରାଜେନ୍ଦ୍ର ପରିଡ଼ା, ଦୁର୍ଯ୍ୟୋଧନ ପାତ୍ର, ତ୍ରିଲୋଚନ ସେଠୀ, ସମୀର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବିଧାୟକଙ୍କ ହାତରେ ରାଖୀ ବାନ୍ଧିଲେ ମାନସିକ ଅନଗ୍ରସର ପିଲା

କଣାସ,୨୦।୮ (ବିଭୂତି ଭୂଷଣ ତ୍ରିପାଠୀ)

ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନର ମାନସିକ ଅନଗ୍ରସର ୟୁନିଟ୍‌ରେ ରକ୍ଷାବନ୍ଧନ ପର୍ବ ପାଳିତ ହୋଇଯାଇଛି। ତତ୍ତ୍ୱାବଧାରିକା ଜୟଶ୍ରୀ ସରାଫ ଓ ତତ୍ତ୍ୱାବଧାରକ ନିଗମାନନ୍ଦ ବରାଳଙ୍କ ସମେତ ପୁଷ୍ପଲତା ସାମନ୍ତରାୟ, ଅଭିଷେକ ପଟ୍ଟନାୟକ, ଆଦିତ୍ୟ ମିଶ୍ର, ତପନ ଦାସ, ଶିବାନୀ ଜେନା, ଦେବେନ୍ଦ୍ର ସିଂ, ଗଣେଶ ଛୁଆଳସିଂହ, ସୁନନ୍ଦା ପାଲଟାସିଂହ, କୁଳନନ୍ଦ ଜେନା ସହଯୋଗ କରିଥିଲେ। ଏହି ପର୍ବର ମହତ୍ତ୍ୱ ସମ୍ପର୍କରେ ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ବୁଝାଇଥିଲେ। ସେହିପରି ଏହି ଅନୁଷ୍ଠାନର ମୁକବଧିର ଛାତ୍ରୀମାନେ ଭୁବନେଶ୍ୱର ଯାଇ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପ୍ରସାଦ ହରିଚନ୍ଦନ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ହାତରେ ରାଖୀ ବାନ୍ଧିଥିଲେ।

# ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଶ୍ରମ ବିଭାଗ

## କାର୍ଯ୍ୟରେ ନିୟୋଜିତ କରାଇଥିବା ଠିକାଦାରଙ୍କୁ ତାଗିଦ୍

ଡେଲାଙ୍ଗ,୨୦।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ବେରବୋଇସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରାଚିର ନିର୍ମାଣ କାର୍ଯ୍ୟରେ ଏକାଧିକ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଘଟଣା ଲୋକଲୋଚନକୁ ଆସିବା ପରେ ଶ୍ରମ ବିଭାଗ ତତ୍ପର ଦେଖାଇଛି। ମଙ୍ଗଳବାର ପୁରୀ ଜିଲା ଶ୍ରମିକ କଲ୍ୟାଣ ବିଭାଗ ପକ୍ଷରୁ ପଲ୍ଲବୀ ଦେବୀ ଓ ଆଶୁତୋଷ ସାହୁ ନିର୍ମାଣ ସ୍ଥାନରେ ଚଢ଼ାଉ କରି ସେଠାରୁ ଜଣେ ବଙ୍ଗୀୟ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ଏଥିସହ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଇଥିବା ଠିକାଦରଙ୍କୁ ମଧ୍ୟ ତାଗିଦା କରିଥିଲେ। ଗତ ୨ ତାରିଖରେ ଆଦର୍ଶ ବିଦ୍ୟାଳୟ ପରିସରରେ ୨୦୨୪-୨୫ ବର୍ଷର ପ୍ରଥମ ଉନ୍ନତୀକରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ଉପଜିଲାପାଳ ଗୋପୀନାଥ କୁଅଁର, ରାସ୍ତା ଓ କୋଠାବାଡ଼ି ବିଭାଗ ଏସ୍‌ଡିଓ ରାଜେନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ବିଦ୍ୟାଳୟ ସୀମା ସରହଦ ପ୍ରାଚିର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ବିଦ୍ୟାଳୟ ସାମ୍ନାରେ ଏକାଧିକ ଶିଶୁ ଶ୍ରମିକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏଭଳି ଦୃଶ୍ୟ ଦେଖି ବିଭାଗୀୟ ଅଧିକାରୀ ଚୁପ୍ ରହିବା ଅଭିଭାବକଙ୍କ ମନରେ ଅସନ୍ତୋଷ ଭରି ଦେଇଥିଲା। ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ବିଭାଗୀୟ ଏସ୍‌ଡିଓ ସାହୁଙ୍କୁ ପଚାରିବାରେ, ଏହି ପିଲାଙ୍କ ପାଖରେ କିଛି କାମ ନାହିଁ, ତେଣୁ ପିଲାମାନେ ଏଠି କାମ କରୁଛନ୍ତି। ଯଦି କେହି ନାବାଳକ ଅଛନ୍ତି, ତେବେ ତାହା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ବୁଝିବେ ବୋଲି କଟାକ୍ଷ କରିଥିଲେ। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ପୁରୀ ନିଆଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ କୃଷକ ନେତା ଅଶୋକ ପ୍ରଧାନଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ସ୍ୱଭାବ କବି ଜୟନ୍ତୀ, ଆଲୋଚନାଚକ୍ର

ପୁରୀ,୨୦।୮ (ଅଜିତ କୁମାର ମହାନ୍ତି )




ବୁଦ୍ଧ ମନ୍ଦିରରେ ପତିତପାବନ ସାହିତ୍ୟ ସଂସଦ ଓ ବୋଧିଚକ୍ର ଆନୁକୂଲ୍ୟରେ ଶ୍ରାବଣ ପୂର୍ଣ୍ଣିମାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସଂସ୍କୃତ ଭାଷାର ଜନ୍ମଦିନ ତଥା ଗୌତମ ବୁଦ୍ଧଙ୍କ ତ୍ୟାଗପୁତ ଜୀବନଶୈଳୀ, ପ୍ରଭୁ ବଳଭଦ୍ରଙ୍କ ଜନ୍ମ ରହସ୍ୟ, ଗହ୍ମା ପୂର୍ଣ୍ଣିମାର ପୌରାଣିକ କାହାଣୀ ଏବଂ ଶ୍ରାବଣ ପୂର୍ଣ୍ଣିମାର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ସଭାରେ ବୋଧିଚକ୍ର ସଭାପତି ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କାମଦେବ ଦାସ, ବକ୍ତା ରୂପେ ପତିତପାବନ ସାହିତ୍ୟ ସଂସଦ ସଭାପତି ଅଧ୍ୟାପକ ଡ. ବଳରାମ ଦାଶ ଓ ଡାକ୍ତର ସୁରେନ୍ଦ୍ରନାଥ ପତି ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ବିଭୂତି ଭୂଷଣ କର, ଶରତ କୁମାର ସାହୁ, ଦେବରାଜ ସାହୁ ଯୋଗଦେଇ ସଂସ୍କୃତ ଭାଷା ଅତି ପ୍ରାଚୀନ ତଥା ଦେବଭାଷା ବୋଲି ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ଅଶୋକ କୁମାର ଆଢ୍ୟ, ଡ. ପ୍ରମୋଦ କୁମାର ଦଳେଇ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ବିଚିତ୍ର ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ରାମବଲ୍ଲଭ ମହାପାତ୍ର, ଅଧ୍ୟାପକ ଦୟାନିଧି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କବି, କବିତାର କେବେ ଅନ୍ତ ନାହିଁ

ସାକ୍ଷୀଗୋପାଳ,୨୦।୮ (ଭରତ ରାଉତ)

କବି ଓ କବିତା କାଳଜୟୀ। ଏମାନଙ୍କ କେବେ ଅନ୍ତ ନାହିଁ। ସାମାଜିକ ଓ ମାନସିକ ଶାନ୍ତି ସୁସ୍ଥତା ରକ୍ଷା କରିବାରେ ଯୁଗେ ଯୁଗେ କବୟିତ୍ରୀ କବିଙ୍କ ତ୍ୟାଗ ଓ କବିତାର ଭାବ ଅବିସ୍ମରଣୀୟ। ଶିକ୍ଷାବିତ୍ ବିଭୂତି ଭୂଷଣ ହୋତାଙ୍କ ତତ୍ତ୍ୱାବଧାନରେ ବୀରରାମଚନ୍ଦ୍ରପୁର ପ୍ରଥମ ଖଣ୍ଡିରେ କବୟିତ୍ରୀ ଜ୍ୟୋତିର୍ମୟୀ ଦେବୀଙ୍କ ଦ୍ୱାରା ରଚିତ ‘ମା ଯାହାର ସାହା’ କବିତା ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ହୋତାଙ୍କ ବାସଭବନରେ ଆୟୋଜିତ ପୁସ୍ତକ ଉନ୍ମୋଚନ, କବିତା ପାଠୋତ୍ସବ ଆଲୋଚନାଚକ୍ରରେ ସୁସାହିତ୍ୟିକ ତଥା ଶିକ୍ଷାବିତ୍ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରାକ୍ତନ ପ୍ରଧାପକ ବୃନ୍ଦାବନ ରଥ, କବି ତଥା ସାମାଜିକ କର୍ମୀ ସତ୍ୟବାଦୀ ଦାଶ, ପ୍ରଫୁଲ୍ଲ ମିଶ୍ର, ନାଟ୍ୟକାର ହୃଷୀକେଶ ମହାପାତ୍ର, ସଂସ୍କୃତି ଗବେଷକ ଜ୍ୟୋତିର୍ବିଦ ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିସହ ପ୍ରତିଟି ମଣିଷର ପ୍ରକୃତ ଶାନ୍ତି ପାଇଁ କବିତା ହିଁ ଅମୋଘ ଅସ୍ତ୍ର ବୋଲି ବ୍ୟକ୍ତ କରିଥିଲେ। କବୟିତ୍ରୀ ସୁଜାତା ଦେବୀ ଓ ସଂସ୍କୃତପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ କବିତା ସଂଯୋଜନା କରିଥିଲେ। କବି କୃପାନିଧି ପ୍ରଧାନ, ବିଜୟ ପରିଡ଼ା, ଲକ୍ଷ୍ମୀପ୍ରସାଦ ପାଣି, ଆଇନଜୀବୀ ହୃଷୀକେଶ ପାଢ଼ୀ, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ପାଲାକାର ମହେଶ୍ୱର ପ୍ରଧାନ, ବିଜୟ ପଟ୍ଟନାୟକ, କବୟିତ୍ରୀ ବନ୍ଦନା ମହାପାତ୍ର, ବିଶାଖା ଦେବୀ, ସୁନନ୍ଦା ମହାନ୍ତି, ଫୁଲମାଳ ପାଳ ଆଦି ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବିଙ୍କ ଆଜିର ସମାଜ, ମା’ ବାପା, ପରିବେଶ ଓ ଆଧାତ୍ମିକ କବିତା ଗାୟନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରିଚାଳନାରେ କବି ବିଜୟ ଛାଟୋଇ, ଶିକ୍ଷକ ବିକ୍ରମ ପାତ୍ର, ବ୍ରଜ ମହାପାତ୍ର, ସ୍ମାରକୀ ହୋତା ସହଯୋଗ କରିଥିଲେ। ମା’ ମଣିନାଗ ଦୁର୍ଗାଙ୍କ ଆଶୀର୍ବାଦରୁ କବିତା ଲେଖିଥିବା କଥା କବୟିତ୍ରୀ ଜ୍ୟୋତିର୍ମୟୀ ପ୍ରକାଶ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

OFFICE OF THE SUPERINTENDING ENGINEER
KHARIAR (R&B) DIVISION, KHARIAR, DIST: NUAPADA, ODISHA
E-mail:eeroads.khr@rediffmail.com
No.3893, Date:17.08.2024
BID CANCELLATION
No.B-184:The Bid for the work “S/R to Khariar-Sinapali Road (ODR) such as construction of Cement Concrete Drain at Gandabahali village from 20/800 KM to 21/014 KM during the year 2023-24” bearing (Tender ID: 2023_EICCL_90955_1) invited vide Bid Identification No.SER&BKHR-07/2023-24) vide letter No.3305, Dated 15.07.2023 with 1st Corrigendum letter No.3395, Dated 19.07.2023 is hereby cancelled due to administrative reasons/issues.
Sd./- Executive Engineer, Khariar (R&B) Division
OIPR-34062/11/0007/2425

OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760004, GANJAM, ODISHA
No.10022/MCB-2024/Welfare/Dt.Berhampur the 20th August 2024
CORRIGENDUM
No.E-215:The Tender Call Notice has been published vide No.9726, Dt.8.8.2024 for outsourcing of DIET service to Indoor patient. In terms & conditions, due to typographically error, the following changes have been made which are as follows:
1. In Page No.8 Clause D (1) sub Clause i. The EMD is Rs.6,50,000/- instead of Rs.8,00,000/-.
2. In Page No. 56, Tender Processing Fees is Rs.5000/- instead of Rs.2000/-
3. In Page No.24, Point 7, The annual audited statement for the year from 2021-22, 2022-23 & 2023-24 are required.
The other terms & conditions is remaining unaltered.
The undersigned reserves the right to cancel the Tender in full or parts at any time without assigning any reason thereof.
Sd./- Dean & Principal
MKCG Medical College, Berhampur
OIPR-10013/11/0006/2425

No.MM-123
OFFICE OF THE DEPUTY DIRECTOR
SIMILIPAL SOUTH WILDLIFE DIVISION, BARIPADA
Phone No.(06792) 252593, Fax:256705, E-mail id:dfo.similipalsouthwl@odisha.gov.in
Letter No.3959/ 1F/50/2024
Dated, Baripada the 20th August, 2024
CORRIGENDUM
The date has been modified as follows in respect of Tender Call Notice for Supply of AI enabled Camera Alert System for use in Similipal Tiger Reserve, Mayurbhanj, Odisha in the Tender Notice Published vide Tender Call Notice No.3590, dt.25.07.2024 in the same tender process as per the specification given below.

| Availability of Tender Paper | | Date & Time of Opening of the Tender |
|---|---|---|
| From | To | |
| 1 | 2 | 3 |
| 15.08.2024 at 10.00 AM | 30.08.2024 upto 01.30 PM | 30.08.2024 at 03.30 PM |

Others can see the details from notice inviting tenders available in website https://www.similipal.org. Corrigendum if any shall only be published in the above website.
All other terms and conditions wil remain unaltered.
Sd./- Deputy Director,
Similipal (South) WL Division, Baripada
OIPR-08127/11/0008/2425

GOVERNMENT OF ODISHA No.A-241
OFFICE OF THE SUPERINTENDING ENGINEER, MINOR IRRIGATION DIVISION, KHODHA
Tel. No. : (06755) 221502, E-mail : eemidkhurda@yahoo.co.in
Letter No. - 3454 Dt.-20.08.2024
Invitation for Bids
Bid Identification No. SEMIDKHD 02/2024-25

| | | | |
|---|---|---|---|
| 1 | The Superintending Engineer, Minor Irrigation Division, khordha, on behalf of the Governor of Odisha, invites Percentage Rate Bids in Single and double Cover system in Online Mode only for civil works in Check Dams under MATY Scheme as detailed in the table below from the eligible Class of Contractors. | | |
| 2 | Nature Work | : | Civil works in Check Dams under MATY Scheme in different Blocks of Khordha District |
| 3 | No. of Works | : | 03 (Three) Nos. Only |
| 4 | Cost of Bid Document | : | Rs. 6,000/- & 10,000 through online only |
| 5 | Tender Value | : | Rs. 43.89 to 64.75 |
| 6 | Class of Contractor | : | ‘B’ Class as applicable |
| 7 | Availability of Bid Documents Online | : | 10.00 A.M. of dt. 02.09.2024 to 5.00 P.M. of dt. 11.09.2024 |
| 8 | Last date and Time for receipt of Bids in the Portal | : | 5.00 P.M. of Dt. 11.09.2024 |
| 9 | date of Opening of Bids | : | 11.00 A.M. of Dt.12.09.2024 |
| 10 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any Addendum/Corrigendum/ Cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./- Superintending Engineer
Minor Irrigation Division
Khordha
OIPR-32042/11/0001/2425

**ସଂକ୍ଷେପରେ**

## ଆଇଆଇଟି ପରୀକ୍ଷାରେ ରୟାଲ କଲେଜ ଛାତ୍ର ଶୁଭକାନ୍ତଙ୍କ ସଫଳତା



ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା):

ଆବାସିକ କଲେଜ ରୟାଲ ହାୟର ସେକଣ୍ଡାରି ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଗତ ୨୦ ବର୍ଷ ଭଳି ଏବର୍ଷ ମଧ +୨ ବିଜ୍ଞାନ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ସେହିଭଳି ସର୍ବଭାରତୀୟ ଆଇଆଇଟି ପରୀକ୍ଷାରେ କଲେଜର ଛାତ୍ର ଶୁଭକାନ୍ତ ବେହେରା ପ୍ରଥମ ପ୍ରୟାସରେ ର୍‍ୟାଙ୍କ-୨୫୫ ରଖିପାରିଛନ୍ତି। ଏହି ସଫଳତା ପାଇଁ କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଶୁଭକାନ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହିତ ଶୁଭକାନ୍ତଙ୍କ ବାପା ଓ ଛାତ୍ରାବାସ ଅଧୀକ୍ଷକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ, ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ବାସଭବନ ଅଞ୍ଚଳ ବୁଲିଲା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍

**ନୀଳାଦ୍ରିବିହାରରେ ଡେଙ୍ଗୁ ନେଇ ତନାଘନା**

ଭୁବନେଶ୍ୱର, ୨୦।୮(ବନ୍ଦନା ସେଠୀ):

ଡେଙ୍ଗୁରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମ୍‌ଙ୍କ ମୃତ୍ୟୁ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ନେଇଛି। ଘଟଣାର ପରଦିନ ଅର୍ଥାତ୍ ରବିବାର ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମନ୍ତ୍ରୀଙ୍କ ଘରବୁଲି ମଶା ଖୋଜିଥିଲା। ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନୀଳାଦ୍ରିବିହାର ଅନ୍ତର୍ଗତ ଲୁମ୍ବିନୀ ବିହାରରେ ଥିବା କେନ୍ଦ୍ରମନ୍ତ୍ରୀଙ୍କ ବାସଭବନ ଅଞ୍ଚଳକୁ ଆସିଥିଲେ। ଏଥିରେ ବିଏମ୍‌ସିର ଟିମ୍ ମଧ ସାମିଲ୍ ଥିଲା। କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଘର ଏବଂ ଆଖପାଖ ଅଞ୍ଚଳ ବୁଲି ଯାଞ୍ଚ କରିଥିଲେ। ଏହାବାଦ୍ ମନ୍ତ୍ରୀଙ୍କ ଘରୁ ମଶା ଉତ୍ସ ବାହାରିବା ପରେ ବିଏମ୍‌ସି ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଥିଲା ସେ ନେଇ ମଧ ଉପସ୍ଥିତ ବିଏମ୍‌ସି ଅଧିକାରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ। କେନ୍ଦ୍ରମନ୍ତ୍ରୀ ଡେଙ୍ଗୁ ଜ୍ୱରରେ ପୀଡିତ ଥିବା ଜଣାପଡିବା ପରେ ବିଏମ୍‌ସିର ସ୍ୱାସ୍ଥ୍ୟ ଟିମ୍ ଜୁଲାଇ ୨୭ରେ ନୀଳାଦ୍ରିବିହାରସ୍ଥିତ କେନ୍ଦ୍ରମନ୍ତ୍ରୀଙ୍କ ବାସଭବନକୁ ଯାଇଥିଲା। ତାଙ୍କ ଘରେ ଥିବା ମଶା ଉତ୍ସକୁ ନଷ୍ଟ କରିବା ସହ ଆଖପାଖ ଅଞ୍ଚଳରେ ମଧ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ନିଧିରଥ ବୁଲିଥିବା ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ସେନାପତି ସୂଚନା ଦେଇଥିଲେ।

ଅପରପକ୍ଷେ ଅଗଷ୍ଟ ୧୮ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ୪୧୪ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ୧୬ ତାରିଖ ସୁଦ୍ଧା ୪୦୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଆଉ ୨ଦିନରେ ୮ଜଣ ଡେଙ୍ଗୁରୋଗୀ ବାହାରିଛନ୍ତି। ଏଥିମଧ୍ୟରୁ ପଟିଆ, ନୀଳାଦ୍ରିବିହାର ଅଞ୍ଚଳରୁ ଏକାଧିକ ରୋଗୀ ରହିଛନ୍ତି। ତେବେ ପୂର୍ବରୁ ହଟ୍‌ସ୍ପଟ୍ ପାଲଟିଥିବା ଖଣ୍ଡଗିରି ଅଞ୍ଚଳରୁ ଗତ ୩/୪ଦିନ ମଧରେ କୌଣସି ନୂଆ ରୋଗୀ ଚିହ୍ନଟ ହୋଇ ନ ଥିବା ଡା. ସେନାପତି ସୂଚନା ଦେଇଛନ୍ତି। ସେହିପରି ବିଏମ୍‌ସି ପକ୍ଷରୁ ଘରଘର ବୁଲି ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ସେ କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମଙ୍କ ବାସଭବନରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍।



ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଲୁପ୍ତପ୍ରାୟ ଲୋକକଳା କାର୍ଯ୍ୟକ୍ରମରେ ବୀର ବଜରଙ୍ଗବଲୀ କଣ୍ଢେଇ ଅପେରା ଗଞ୍ଜାମ ପକ୍ଷରୁ ସୂତା କଣ୍ଢେଇ ନୃତ୍ୟ ମାଧମରେ ରାମାୟଣର ଲଙ୍କାକାଣ୍ଡ ପରିବେଷଣ କରାଯାଉଛି। *(ଫଟୋ– ବିକାଶ ନାୟକ)*

## ଓୟୁଟିଆର୍‌ରେ ଆଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଗବେଷଣା ସେମିନାର



ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)

ଓଡ଼ିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ (ଓୟୁଟିଆର)ର ସ୍କୁଲ ଅଫ୍ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ ଅନ୍ତର୍ଗତ କେମିଷ୍ଟ୍ରି ବିଭାଗ ପକ୍ଷରୁ ମଙ୍ଗଳବାର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବି.ବି. ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେମିନାରର ବିଷୟବସ୍ତୁ ଥିଲା 'ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟର(ବିଏଆର୍‌ସି)ର ସୁବିଧାକୁ ବ୍ୟବହାର କରି ଆଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଗବେଷଣା ଓ ବିକାଶ ସୁଯୋଗ'। ବିଏଆର୍‌ସି ଆଟୋମିକ ଏନର୍ଜି ବିଭାଗର ପ୍ରଖ୍ୟାତ ବୈଜ୍ଞାନିକ ଡ. ରଘୁନାଥ ଆଚାର୍ଯ୍ୟ ଯୋଗଦେଇ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ଗବେଷଣା ବିଷୟରେ ଗୁରୁତ୍ୱାରୋପ କରିଥିଲେ। ବିଏଆର୍‌ସିରେ ଥିବା ଅତ୍ୟାଧୁନିକ ସୁବିଧା ବ୍ୟବହାର କରି ଉପଲବ୍ଧ ବିଭିନ୍ନ ଗବେଷଣା ଏବଂ ବିକାଶ ସୁଯୋଗ ଉପରେ ସେ କହିଥିଲେ। ଏହି ସେମିନାରରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଷ୍ଟ୍ରୁମେଣ୍ଟେଶନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଗଣନା ସମେତ ବିଭିନ୍ନ ଶାଖାର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍କୁଲ ଅଫ୍ ବେସିକ ସାଇନ୍ସ ଆଣ୍ଡ୍ ହ୍ୟୁମାନିଟିଜ୍‌ର ମୁଖ୍ୟ ଡ. ବି.ଆର୍.ଦାସ ଓ ଡିନ୍ ଏକାଡେମିକ୍ସ ଡକ୍ଟର ଏ.ଏନ.ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏକାମ୍ରରେ ଜନଜାଗରଣ ସଚେତନତା କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୨୦।୮(ସୁବାସ ଚନ୍ଦ୍ର ପ୍ରଧାନ):

ଭୁବନେଶ୍ୱର ଏକାମ୍ର ନିର୍ବଚନ ମଣ୍ଡଳୀରେ ଜନଜାଗରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସୁଆଘାଇ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଭାଜପା ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପୂରଣ କରୁ, ନଚେତ୍ ଆଗାମୀ ଦିନରେ ବିଜେଡି ରାସ୍ତାକୁ ଓହ୍ଲାଇବ। କାର୍ଯ୍ୟକ୍ରମରେ ସରପଞ୍ଚ ବିକ୍ରମ କେଶରୀ ସେଠୀ, କୁତର୍ଥ ପ୍ରଧାନ, ଜ୍ଞାନରଞ୍ଜନ ଜେନା, ଶିବ ପ୍ରସାଦ ବେହେରା, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER**
**KHARIAR (R&B) DIVISION, KHARIAR, DIST: NUAPADA, ODISHA**
E-mail:eeroads.khr@rediffmail.com
No.3893, Date:17.08.2024

**BID CANCELLATION**

**No.B-184:** The Bid for the work "S/R to Khariar-Sinapali Road (ODR) such as construction of Cement Concrete Drain at Gandabahali village from 20/800 KM to 21/014 KM during the year 2023-24" bearing (Tender ID: 2023_EICCL_90955_1) invited vide Bid Identification No.SER&BKHR-07/2023-24) vide letter No.3305, Dated 15.07.2023 with 1st Corrigendum letter No.3395, Dated 19.07.2023 is hereby cancelled due to administrative reasons/issues.

Sd./- Executive Engineer,
Khariar (R&B) Division

OIPR-34062/11/0007/2425

## ଛାତ୍ରୀଛାତ୍ରଙ୍କ ପାଇଁ ଶୈକ୍ଷିକ ଉପକରଣ ଦେଲା ଏସ୍‌ବିଆଇ



ଜଣେ ଛାତ୍ରଙ୍କୁ ଅତିଥିମାନେ ସ୍କୁଲ ବ୍ୟାଗ୍ ଓ ଅନ୍ୟ ପାଠ୍ୟ ସାମଗ୍ରୀ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା):

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାସ୍ଥିତ ବେଣୁପୁର ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବିଭିନ୍ନ ଶୈକ୍ଷିକ ଉପକରଣ ପ୍ରଦାନ କରାଯାଇଛି। ଏସ୍‌ବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ବିଜ୍ଞାନ ପ୍ରୟୋଗଶାଳା ପାଇଁ ଆବଶ୍ୟକ ଉପକରଣ, ପାଠାଗାର ନିମିତ୍ତ ପୁସ୍ତକ, କମ୍ପ୍ୟୁଟର ଟେବୁଲ, ଚେୟାର, ଡେସ୍କ ବେଞ୍ଚ, ୩୪ଟି ପଙ୍ଖା, ସାଉଣ୍ଡ ସିଷ୍ଟମ, ସ୍କୁଲ ବ୍ୟାଗ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଦିନେଶ ପରୁଥି, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହ, ଉଭୟ କର୍ମଚାରୀ ଓ ଅଧିକାରୀ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଗଣେଶ କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ ବରିଷ୍ଠ ନାଗରିକ, ପୁରାତନ ଛାତ୍ର ସଂସଦର ସଦସ୍ୟଙ୍କ ସମେତ ଉପସ୍ଥିତ ଜନସାଧାରଣ ଓ ଅଭିଭାବକମାନେ ଏସ୍‌ବିଆଇର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟରେ ପଶିଲା ବର୍ଷାପାଣି

ବାଲିଅନ୍ତା,୨୦।୮(ନୀଳମାଧବ ସାହୁ):

ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ ବହୁ ସ୍ଥାନରେ ବର୍ଷାପାଣି ଜମି ରହିଛି। ବିଶେଷ କରି ଅଣ୍ଡିଲୋ ଗ୍ରାମର ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଆଣ୍ଠୁଏ ଉଚ୍ଚରେ ବର୍ଷାପାଣି ଜମି ରହିଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ସେହିପରି ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ, ଆର୍‌ଡି ଅଫିସ, ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ଓ ବାଲିଅନ୍ତା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଓ ପରିସର ବର୍ଷାପାଣି ଜମି ରହିଛି। ତୁହାକୁ ତୁହା ମୂଷଳ ଧାରାରେ ବର୍ଷା ହେବା ଯୋଗୁ ରାସ୍ତାଘାଟରେ ପାଣିର ସୁଅ ଛୁଟିଥିଲା। ରାସ୍ତା ଉପରେ ବର୍ଷାପାଣି ଜମି ରହିଥିବାରୁ ଗାଡ଼ିମଟର ଚଳାଚଳରେ ବାଧା ଦେଖାଦେଇଥିଲା। ତେବେ ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ ପରିସର ଜଳାର୍ଣ୍ଣବ ହୋଇଥିଲା। କାର୍ଯ୍ୟାଳୟରେ ସରପଞ୍ଚଙ୍କ ପ୍ରକୋଷ୍ଠ ଭିତରେ ୨ ଫୁଟ ଉଚ୍ଚର ବର୍ଷାଜଳ ଜମି ରହିଥିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଭତ୍ତା ନେବାକୁ ଆସିଥିବା ବୃଦ୍ଧାବୃଦ୍ଧ ନାନା ହଟହଟା ହୋଇଥିଲେ। ଚତୁଃପାର୍ଶ୍ୱରେ ବହୁ ଗୃହ ନିର୍ମାଣ ହେବା ଯୋଗୁ ଓ ବର୍ଷାପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ରାସ୍ତା ଉପରେ ଓ ବିଦ୍ୟାଳୟ ପରିସର ବର୍ଷାପାଣି ଜମି ରହିଥିବାରୁ ହାଇସ୍କୁଲ ଶତାଧିକ ଛାତ୍ରୀଛାତ୍ର ଯାତାୟାତରେ ସମସ୍ୟା ଦେଖାଦେଥିଲା। ଛାତ୍ରୀଛାତ୍ର ବର୍ଷାପାଣିରେ ପଶି ବିଦ୍ୟାଳୟକୁ ଯିବା ଆସିବା କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟଙ୍କୁ ପଚାରିବାରେ, ଆଗାମୀ ଦିନରେ ବର୍ଷାପାଣି ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଉଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ସୁବିଧାରେ ବିଦ୍ୟାଳୟକୁ ଯିବା ଆସିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବାଲିଅନ୍ତା ବିଡିଓ ନିକଟରେ ବିଦ୍ୟାଳୟକୁ ଆସି ଜଳାର୍ଣ୍ଣବ ସ୍ଥିତି ବୁଲି ଦେଖିଛନ୍ତି।



ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟର ସରପଞ୍ଚଙ୍କ ପ୍ରକୋଷ୍ଠରେ ବର୍ଷା ପାଣି ପଶିଯାଇଛି।

**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760004, GANJAM, ODISHA**
No.10022/MCB-2024/Welfare/Dt.Berhampur the 20th August 2024

**CORRIGENDUM**

**No.E-215:** The Tender Call Notice has been published vide No.9726, Dt.8.8.2024 for outsourcing of DIET service to Indoor patient. In terms & conditions, due to typographically error, the following changes have been made which are as follows:

1. In Page No.8 Clause D (1) sub Clause i. The EMD is Rs.6,50,000/- instead of Rs.8,00,000/-.
2. In Page No. 56, Tender Processing Fees is Rs.5000/- instead of Rs.2000/-
3. In Page No.24, Point 7, The annual audited statement for the year from 2021-22, 2022-23 & 2023-24 are required.

The other terms & conditions is remaining unaltered.

The undersigned reserves the right to cancel the Tender in full or parts at any time without assigning any reason thereof.

Sd./- Dean & Principal
MKCG Medical College, Berhampur
OIPR-10013/11/0006/2425

No.MM-123

**OFFICE OF THE DEPUTY DIRECTOR**
**SIMILIPAL SOUTH WILDLIFE DIVISION, BARIPADA**
Phone No.(06792) 252593, Fax:256705, E-mail id:dfo.similipalsouthwl@odisha.gov.in
Letter No.3959/ 1F/50/2024
Dated, Baripada the 20th August, 2024

**CORRIGENDUM**

The date has been modified as follows in respect of Tender Call Notice for Supply of AI enabled Camera Alert System for use in Similipal Tiger Reserve, Mayurbhanj, Odisha in the Tender Notice Published vide Tender Call Notice No.3590, dt.25.07.2024 in the same tender process as per the specification given below.

| Availability of Tender Paper | | Date & Time of Opening of the Tender |
|---|---|---|
| From | To | |
| 1 | 2 | 3 |
| 15.08.2024 at 10.00 AM | 30.08.2024 upto 01.30 PM | 30.08.2024 at 03.30 PM |

Others can see the details from notice inviting tenders available in website https://www.similipal.org. Corrigendum if any shall only be published in the above website.
All other terms and conditions wil remain unaltered.

Sd./- Deputy Director,
Similipal (South) WL Division, Baripada
OIPR-08127/11/0008/2425

# ଡାକ୍ତରଙ୍କ ଆନ୍ଦୋଳନ: ଏସ୍‌ସିବିରେ ରୋଗୀ ହନ୍ତସନ୍ତ

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ):

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଗତ ୬ଦିନ ହେଲା ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ଏପରିକି ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମେଡିକାଲର ବିଭିନ୍ନ ବିଭାଗରେ କାଁ ଭାଁ ରୋଗୀଙ୍କୁ ଦେଖିବାକୁ ମିଳୁଥିବାବେଳେ ବହୁ ବେଡ୍ ଖାଲିପଡ଼ିଛି। ମେଡିକାଲର ଜୁନିଅର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବାବେଳେ ଏହାକୁ ଡାକ୍ତରୀ ଛାତ୍ର ସଂଘ ଓ ହାଉସ ସର୍ଜନ ସଂଘ ସମର୍ଥନ ଜଣାଇଛି। ଜରୁରିକାଳୀନ ବା କାଜୁଆଲଟି ସେବା ବ୍ୟତୀତ ଅନ୍ୟ ସେବା ବନ୍ଦ ରହିଛି। ଏହାଦ୍ୱାରା ରୋଗୀ ସେବା ପ୍ରଭାବିତ ହେଉଛି। ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମଙ୍ଗଳବାର ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ବିଭାଗରେ ୨୪ ଘଣ୍ଟା ଡାକ୍ତର ନିୟୋଜିତ ରହୁଥିବା ବେଳେ ଏଠାରେ ଓପିଡି, ଆଇପିଡି, ଡ୍ୟୁଟି ରୁମ୍ ଓ କ୍ୟାବିନ ମଧ ରହିଛି। ଏଠାରେ ଥିବା ଓପିଡିରେ ପୂର୍ବାହ୍ନ ୧୦ଟା ବେଳୁ ରୋଗୀ ଦେଖା ଆରମ୍ଭ କରିଥାନ୍ତି ଡାକ୍ତର। କିନ୍ତୁ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ମଙ୍ଗଳବାର ମଧାହ୍ନ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଓପିଡିରେ ରୋଗୀ ଦେଖା ଆରମ୍ଭ ହୋଇ ନ ଥିଲା। ଫଳରେ ଗର୍ଭବତୀ ମହିଳାମାନେ ସକାଳୁ ଟିକେଟ କରି ବସିରହିଥିଲେ। ସେହିପରି ଉକ୍ତ ବିଭାଗର କ୍ୟାବିନରେ କାଁ ଭାଁ ରୋଗୀ ଥିବାବେଳେ ଅଧିକାଂଶରେ ତାଲା ପଡ଼ିଥିବା ନଜରକୁ ଆସିଥିଲା। ଅନ୍ୟପଟେ ଉକ୍ତ ବିଭାଗରେ ଥିବା ଡାକ୍ତରଙ୍କ ଡ୍ୟୁଟିକକ୍ଷରେ ଅପରାହ୍ନ ୧ଟା ଯାଏ କୌଣସି ଡାକ୍ତର ନ ଥିବା ଚିତ୍ର ସାମ୍ନାକୁ ଆସିଛି। କେବଳ ନର୍ସିଂ ଅଫିସର ଉକ୍ତ ବିଭାଗରେ ରୋଗୀଙ୍କ ସେବା କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ବିଭାଗକୁ କଟକ ବିଡ଼ାନାସୀ ଅଞ୍ଚଳର ହେମଲତା ଦେଇ ଡାକ୍ତରଙ୍କ ପରାମର୍ଶ ମୁତାବକ ଅଲଟ୍ରାସାଉଣ୍ଡ ପାଇଁ ଆସିଥିବାବେଳେ ଆନ୍ଦୋଳନ ଯୋଗୁ ନିରାଶରେ ଫେରିଯାଇଥିବା ଜଣାପଡ଼ିଛି। ଆନ୍ଦୋଳନ ଯୋଗୁ ବ୍ୟାଟେରି ଗାଡ଼ିଚାଳକମାନେ ରୋଗୀଙ୍କୁ ଗୋଟିଏ ବିଭାଗରୁ ଅନ୍ୟତ୍ର ନେବା ପାଇଁ ମନା କରୁଛନ୍ତି। କେନ୍ଦ୍ରାପଡ଼ା ଅଞ୍ଚଳର ସରୋଜିନୀ ଦାସ ପେଟରେ ଯନ୍ତ୍ରଣା ହେବାରୁ ପ୍ରଥମେ କାଜୁଆଲଟିରେ ପହଞ୍ଚିଥିଲେ। ପରେ ମେଡିସିନ ବିଭାଗ ଓପିଡିରେ ଡାକ୍ତର ଦେଖାଇବାକୁ କହିବାରୁ ସେ ସେଠାକୁ ଯିବା ପାଇଁ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ। କିନ୍ତୁ ବ୍ୟାଟେରି ଗାଡ଼ିଚାଳକ ମନା କରିଦେଇଥିଲେ। ଫଳରେ ସରୋଜିନୀ ତାଙ୍କ ପୁଅ ସହଯୋଗରେ କଷ୍ଟେମଷ୍ଟେ ଓପିଡିକୁ ଯାଇଥିଲେ। ଅନ୍ୟପକ୍ଷରେ ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଡାକ୍ତରମାନେ ସେମାନଙ୍କ ସୁରକ୍ଷା ଦାବି କରି ଆନ୍ଦୋଳନ ଜାରି ରଖିଛନ୍ତି। ତାହାକୁ ନଜରରେ ରଖି ମେଡିକାଲରେ ବରିଷ୍ଠ ଡାକ୍ତର କାର୍ଯ୍ୟ କରିବେ ଏବଂ ଏହି ସମୟରେ ଛୁଟି ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବିଭାଗଗୁଡ଼ିକରେ ପୂର୍ବ ପରି ସମସ୍ତ ଡାକ୍ତର ଉପସ୍ଥିତ ନ ଥିଲେ ମଧ କେତେଜଣ ଡାକ୍ତର ରହି ରୋଗୀ ସେବା କରୁଛନ୍ତି। ଆନ୍ଦୋଳନର ଆଳ ଦେଖାଇ କେତେଜଣ ରୋଗୀଙ୍କୁ ଫେରାଇ ଦିଆଯିବା ଘଟଣା ଗଣମାଧମରୁ ଜାଣିବାକୁ ପାଇଛି, ମାତ୍ର ଏଭଳି ଅଭିଯୋଗ ମିଳିନାହିଁ। ଯଦି କୌଣସି ବ୍ୟକ୍ତି ଏଭଳି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।



ସ୍ତ୍ରୀ ଓ ପ୍ରସୂତି ବିଭାଗ ନିକଟରେ ଡାକ୍ତରଙ୍କୁ ରୋଗୀମାନେ ଅପେକ୍ଷା କରିଛନ୍ତି।

**GOVERNMENT OF ODISHA** No.A-241
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KHODHA**
Tel. No. : (06755) 221502, E-mail : eemidkhurda@yahoo.co.in
Letter No. - 3454 Dt.-20.08.2024

**Invitation for Bids**

**Bid Identification No. SEMIDKHD 02/2024-25**

| | | | |
|---|---|---|---|
| 1 | The Superintending Engineer, Minor Irrigation Division, khordha, on behalf of the Governor of Odisha, invites Percentage Rate Bids in Single and double Cover system in Online Mode only for civil works in Check Dams under MATY Scheme as detailed in the table below from the eligible Class of Contractors. | | |
| 2 | Nature Work | : | Civil works in Check Dams under MATY Scheme in different Blocks of Khordha District |
| 3 | No. of Works | : | 03 (Three) Nos. Only |
| 4 | Cost of Bid Document | : | Rs. 6,000/- & 10,000 through online only |
| 5 | Tender Value | : | Rs. 43.89 to 64.75 |
| 6 | Class of Contractor | : | 'B' Class as applicable |
| 7 | Availability of Bid Documents Online | : | 10.00 A.M. of dt. 02.09.2024 to 5.00 P.M. of dt. 11.09.2024 |
| 8 | Last date and Time for receipt of Bids in the Portal | : | 5.00 P.M. of Dt. 11.09.2024 |
| 9 | date of Opening of Bids | : | 11.00 A.M. of Dt.12.09.2024 |
| 10 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any Addendum/Corrigendum/ Cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./- Superintending Engineer
Minor Irrigation Division
Khordha

OIPR-32042/11/0001/2425

## ସଂକ୍ଷେପରେ

### ଓଡ଼ିଆ ସାହିତ୍ୟିକଙ୍କ ଲେଖନୀ ସଂଗ୍ରାମ ମନୋବୃତ୍ତି ସୃଷ୍ଟି କରିଥିଲା

**ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ):** ଭାରତ ସ୍ୱାଧୀନତା ହାସଲ କରିବା ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ସାମ୍ନା କରି ସାରିଥିଲା। ଦେଶ ଭିତରେ ସ୍ୱାଧୀନତା ସଂଗ୍ରାମ ଓ ଦେଶ ବାହାର ବିଶ୍ୱଯୁଦ୍ଧ ଚାଲିଥିବାବେଳେ ଏଭଳି ପୃଷ୍ଠଭୂମିରେ ଓଡ଼ିଆ ସାହିତ୍ୟିକମାନେ ଲେଖନୀ ଚାଳନା କରି ସାଧାରଣ ଲୋକଙ୍କ ମନରେ ସଂଗ୍ରାମୀ ମନୋବୃତ୍ତି ସୃଷ୍ଟି କରିଥିଲେ। ଫକୀର ମୋହନଙ୍କ ଲେଖନୀରେ ସାମାଜିକ ପ୍ରତିଛବି ପ୍ରତିଫଳିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ନଦାଶଙ୍କର, କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ, ଜାତୀୟକବି ବୀରକିଶୋର, ବାଞ୍ଛାନିଧି ମହାନ୍ତି, ମନମୋହନ ମିଶ୍ର, ଗୋଦାବରୀଶ ମହାପାତ୍ର ତାଙ୍କ କଲମ ମୁନରେ ଆଗ୍ନେୟ ସ୍ଫୁଲିଙ୍ଗ ସୃଷ୍ଟି କରିପାରିଥିଲେ। ଓଡ଼ିଆ ଭାଷାକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓଡ଼ିଆ ସାହିତ୍ୟିକଙ୍କୁ ଲେଖା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ପାଇଁ ସୁଯୋଗ ଦେଇଥିଲା। ଓଡ଼ିଶା ଲେଖକ ସମବାୟ ସମିତିପକ୍ଷରୁ ମଙ୍ଗଳବାର ସମିତି ପରିସରରେ ଆୟୋଜିତ 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟିକଙ୍କ ଅବଦାନ' ଶୀର୍ଷକ ଆଲୋଚନାରେ ଅତିଥିମାନେ ଏହା କହିଛନ୍ତି। ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଶରତ ଚନ୍ଦ୍ର ରଥ, ସାହିତ୍ୟିକା ବନଜ ଦେବୀ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଡ. ଆରତି କର, ମିନତୀ ଷଡ଼ଙ୍ଗୀ, ପ୍ରଭାତ କୁମାର ନନ୍ଦ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଆଶିଷ କର ପ୍ରମୁଖ ଯୋଗଦେଇଥିଲେ।

### କାର୍‌ରେ ଆସି ଛେଳି ନେଇଗଲେ

**ନିରାକାରପୁର, ୨୦।୮ (ମାନସ ଚନ୍ଦ୍ର ପଟ୍ଟନାୟକ):** ଜଙ୍କିଆ ଥାନା ଅଧୀନ ଗୋଳବାଇ ପଞ୍ଚାୟତ କାୟା ଗ୍ରାମର ସୁମିତ୍ରା ବେହେରାଙ୍କ ଦୁଇଟି ଛେଳିକୁ ଦୁର୍ବୃତ୍ତମାନେ କାରରେ ଆସି ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜ ଥିବା ସତ୍ତ୍ୱେ ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉନାହିଁ ବୋଲି ଛେଳି ପାଳିକା ସୁମିତ୍ରା ବେହେରା କହିଛନ୍ତି।

# ଶ୍ମଶାନ ଜମି ଚିହ୍ନଟ ଦାବି

**ମୃତଦେହ ସତ୍କାର ପାଇଁ ହଇରାଣ ହେଉଛନ୍ତି ସମ୍ପର୍କୀୟ**

ବେଗୁନିଆ, ୨୦।୮ (ହର ପ୍ରସନ୍ନ ପଣ୍ଡା)

ଏବେବି ଏମିତି ଗାଁ ଅଛି, ଯେଉଁଠି ମୃତଦେହ ସତ୍କାର କରିବା ପାଇଁ ଶ୍ମଶାନ ଜମି ନାହିଁ। ଫଳରେ ମୃତଦେହ ସତ୍କାର ପାଇଁ ସମ୍ପର୍କୀୟ ପୁରୀ ସ୍ୱର୍ଗଦ୍ୱାର ଯାଉଛନ୍ତି। ସରକାରଙ୍କ ଶ୍ମଶାନ ଜମି ଚିହ୍ନଟ କରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିବାକୁ ଜିଲାପାଳ ନିକଟରେ କରାଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ସୂଚନାଥାଉ କି, ବେଗୁନିଆ ବ୍ଲକ ପୋଡ଼ାଡ଼ିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ଗ୍ରାମରେ ୧୧ଶହ ଲୋକେ ବସବାସ କରୁଛନ୍ତି। ସବର୍ଣ୍ଣ ପରିବାରଙ୍କୁ ନେଇ ଦୁଇଟି ୱାର୍ଡ ଗଠିତ। ଏହି ଗ୍ରାମର ଦକ୍ଷିଣ ଦିଗକୁ ଗଲେ ସରକାରଙ୍କ ଶ୍ମଶାନ ଜମି ରହିଛି। ଖାତା ନଂ.୪୮୪, ନଂ.୩୭୩/୪୫୦/୪୮୧ ବିଶିଷ୍ଟ ୩ଟି ପ୍ଲଟ ରହିଛି। ମୋଟ୍ ୩ଏକର ୬୦୫ ଡିସିମିଲ/କିସମ ଶ୍ମଶାନ ଜମି ରେକର୍ଡ ପରିସର ଭୁକ୍ତ ହୋଇଛି। ହେଲେ ଉକ୍ତ ଜମି କାହା ଦଖଲରେ ଅଛି ଲୋକେ ଜାଣିପାରୁ ନାହାନ୍ତି। କେଉଁ ଆବାହନ କାଳରୁ ଲୋକେ ଯେଉଁ ଜମିରେ ସତ୍କାର କରୁଥିଲେ ତାହା ଏବେ ଜଣେ ବ୍ୟକ୍ତିଙ୍କର ବୋଲି ଜାଣିବାକୁ ପାଇଥିଲେ। ବ୍ୟକ୍ତିଜଣଙ୍କ ବାରଣ କରିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ଫଳରେ ଲୋକେ ମୃତଦେହ ସତ୍କାର ପାଇଁ ଖର୍ଚ୍ଚାନ୍ତ ହୋଇ ପୁରୀ ସ୍ୱର୍ଗଦାର ଯାଉଛନ୍ତି। ଗତ ୫ଦିନ ତଳେ ଗ୍ରାମର ଲୋକନାଥ ମହାପାତ୍ରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସତ୍କାର ପାଇଁ ପ୍ରାୟ ୧୮ହଜାର ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଅନ୍ୟପଟେ ଗତ ୧୨ତାରିଖରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମର ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଶ୍ମଶାନ ଜମି ଚିହ୍ନଟ କରାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିବାକୁ ଗ୍ରାମର ସନ୍ତୋଷ କୁମାର ମହାରଣା, ପ୍ରଶାନ୍ତ କୁମାର ଜଗଦ୍ଦେବ, ପର୍ଶୁରାମ ବିଶାଳ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଦାବି କରିଥିଲେ। ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ୮ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି।

## କଳା, ସଂସ୍କୃତି ସଭ୍ୟତାର ପରିଚୟ ଦିଏ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ବୋଲଗଡ଼, ୨୦।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିତୁଳି ପଞ୍ଚାୟତ ଅନ୍ତର୍ଗତ ଚମ୍ପାଇଲୋ ସଂଲଗ୍ନ ସାନବାଡ଼ରେ ପ୍ରତିଷ୍ଠିତ କଳା, ସାହିତ୍ୟ, ସଂସ୍କୃତି ପ୍ରତିଷ୍ଠାନ ମେଘ ମହ୍ଲାର ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହାୟତାରେ ଗହ୍ମା ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମନୋଜ କୁମାର ଗୁମାନସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରି କଳା, ସଂସ୍କୃତି ସଭ୍ୟତାର ପରିଚୟ ପ୍ରଦାନ କରିଥାଏ ବୋଲି କହିଥିଲେ। ଏଥିସହ ଚାରା ରୋପଣ କରି ପରିବେଶ ସୁରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ପବିତ୍ର ମୋହନ ମାଝୀ, ସମିତିସଭ୍ୟ ସଞ୍ଜୟ କୁମାର ଗୁମାନ୍‌ସିଂ, ପୂର୍ବତନ ସମିତିସଭ୍ୟ ତଥା ନ୍ୟାୟବିତ୍ ପ୍ରମୋଦ କୁମାର ପ୍ରତାପସିଂହ, ସଂସ୍କୃତି ଗବେଷକ ବିଭୂତି ଭୂଷଣ ଦଳାଇ, ଶିକ୍ଷାବିତ୍ ଗୀତାଞ୍ଜଳି ମହାପାତ୍ର, ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତରାୟ, ସାମାଜିକ କର୍ମୀ ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ମା' ପାଟଖଣ୍ଡା ନାଟ୍ୟକଳା ସଂସଦ, ଜଗନ୍ନାଥ ପ୍ରସାଦ, ଗଞ୍ଜାମର କଳାକାରମାନେ ଭାରତଲୀଳା ପରିବେଷଣ କରିଥିଲେ। ପିପିଲି ମଙ୍ଗଳପୁରର ଝିଲିମିଲି ଘୋଡ଼ାନାଚ ଦଳର କଳାକାର ଲୋକନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଶିଶୁ କଳାକାର ଅର୍ପିତା ବଳିୟାରସିଂହ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଗ୍ରାମର ବରିଷ୍ଠ ଦଣ୍ଡନାଚ କଳାକାର ରତ୍ନାକର ମହାରଣା ଓ ଖବରଦାତା ଦୀପକ କୁମାର ପାହାଡ଼ସିଂଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଓମ୍ ପ୍ରକାଶ ମହାଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦିକା ଆରତି ବେହେରା ଧନ୍ୟବାଦ ଦେଇଥିଲେ।

## ରାଜୀବ ଗାନ୍ଧୀ ଟେଲିକମ୍ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରିଥିଲେ

ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୦ତମ ଜୟନ୍ତୀ ମଙ୍ଗଳବାର ରାଜୀବ ଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ପାଳିତ ହୋଇଯାଇଛି। ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ନିହତ ହେଲାପରେ ମାତ୍ର ୪୦ବର୍ଷ ବୟସରେ ରାଜୀବ ଗାନ୍ଧୀ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଭାରତରେ ଟେଲି ବିପ୍ଳବ ଆରମ୍ଭ କରି ସେ ଟେଲିକମ୍ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରିଥିଲେ। ତାଙ୍କ ସମୟରେ ୧୮ବର୍ଷ ବୟସର ବ୍ୟକ୍ତିଙ୍କୁ ଭୋଟଦାନର ଅଧିକାର ଦିଆଯାଇ ଦେଶରେ ଗଣତନ୍ତ୍ର ଭିତ୍ତିଭୂମିକୁ ସୁଦୃଢ କରାଯାଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାମାଜିକ କର୍ମୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ୍ ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପାଟ୍ଟଯୋଶୀ, ସ୍ୱରାଜ ସୂତାର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ।

## ଆରମ୍ଭ ହେଲା ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପର୍ବ

ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)

**ପଦ୍ମଶ୍ରୀ ରଞ୍ଜନା ଗୋହର, ଅରୁଣା ମହାନ୍ତିଙ୍କୁ 'ନୃତ୍ୟଧାମ ଜୀବନବ୍ୟାପୀ ସମ୍ମାନ'**



ନୃତ୍ୟଧାମ ପକ୍ଷରୁ ୭ମ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପର୍ବ ଏବଂ ଗୁରୁ ନମନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ପଦ୍ମଶ୍ରୀ ରଞ୍ଜନା ଗୋହର ଓ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ 'ନୃତ୍ୟଧାମ ଜୀବନବ୍ୟାପୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ପ୍ରଥମ ପରିବେଷଣରେ ଗୁରୁ ପଦ୍ମଶ୍ରୀ ରଞ୍ଜନା ଗୋହର ମଙ୍ଗଳା ଚରଣରେ ମାତା ସରସ୍ୱତୀଙ୍କୁ ବନ୍ଦନା କରି ମାଣିକ୍ୟ ବୀଣା ପ୍ରଦର୍ଶନ କରିଥିଲେ। ତା'ପରେ ଅଭିନୟରେ ଶ୍ରୀ ଜୟଦେବଙ୍କ ରଚିତ ଗୀତ ଗୋବିନ୍ଦର 'ସଖୀ ହେ କେଶୀ ମଦନ ମୁଦାରାମ୍' ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କପରେ ପଦ୍ମଶ୍ରୀ ଅରୁଣା ମହାନ୍ତି ଅଭିନୟରେ ଉପନାୟକ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାପରେ ଉସ୍ତାଦ ବିସମିଲାଖାଁ ପୁରସ୍କାରପ୍ରାପ୍ତ ବିନୋଦ କେଭିନ୍ ବଚନ ଯୋଗି ମୀରା ବାଇଙ୍କ ଉପରେ ଆଧାରିତ 'ଆଇ ବାଦରିୟା ସାବନ କି' ଅଭିନୟ କରିଥିଲେ। ଗୁରୁ ପଦ୍ମଶ୍ରୀ ରଞ୍ଜନା ଗୋହର ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପରେ ନୃତ୍ୟାଙ୍ଗନା ଡ. ଶୁଭଶ୍ରୀ ପଟ୍ଟନାୟକଙ୍କ 'କୁନ୍ତୀ' ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଦୁର୍ଗାଚରଣ ରଣବୀର ଓ ସଙ୍ଗୀତ ନିର୍ଦ୍ଦେଶନା ଗୁରୁ ସୁକାନ୍ତ କୁଣ୍ଡୁ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ସାମ୍ବାଦିକ ଶ୍ରୀରାମ ଦାସ ଓ ଗୁରୁ ସଙ୍ଗୀତା ଗୋସାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

**OFFICE OF THE SUPERINTENDING ENGINEER**
**KHARIAR (R&B) DIVISION, KHARIAR, DIST: NUAPADA, ODISHA**
E-mail:eeroads.khr@rediffmail.com
No.3893, Date:17.08.2024

**BID CANCELLATION**

**No.B-184:** The Bid for the work "S/R to Khariar-Sinapali Road (ODR) such as construction of Cement Concrete Drain at Gandabahali village from 20/800 KM to 21/014 KM during the year 2023-24" bearing (Tender ID: 2023_EICCL_90955_1) invited vide Bid Identification No.SER&BKHR-07/2023-24) vide letter No.3305, Dated 15.07.2023 with 1st Corrigendum letter No.3395, Dated 19.07.2023 is hereby cancelled due to administrative reasons/issues.

Sd./- Executive Engineer,
Khariar (R&B) Division

OIPR-34062/11/0007/2425

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କଳାପଥର, ୨୦।୮ (ଗଙ୍ଗାଧର ସାହୁ)

**ବସ୍ ଧକ୍କାରେ ଯୁବକ ମୃତ ଘଟଣା**

ବାଙ୍କୀ ଟାଉନସ୍ଥିତ ନୃସିଂହ ଛକ ନିକଟରେ ଏକ ଘରୋଇ ବସ୍ ଧକ୍କାରେ ସୋମବାର ଏହି ଥାନା ଅନ୍ତର୍ଗତ ୧୩ନଂ. ୱାର୍ଡସ୍ଥିତ ରଣପୁର ଗ୍ରାମର ଗଣେଶ୍ୱର ଦଳେଇଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମଙ୍ଗଳବାର ଗଣେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହପରେ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ଯୁବକମାନେ ବାଙ୍କୀ କଚେରି ଛକ ମୁଖ୍ୟରାସ୍ତାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ଫଳରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ମହାନ୍ତି ଓ ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା ଘଟଣାସ୍ଥଳରେ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରିଥିଲେ। କ୍ଷତିପୂରଣ ନିମନ୍ତେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

# ତାଳପତ୍ର ପୋଥିର ପୁନରୁଦ୍ଧାର ସହ ଅଧିକ ଗବେଷଣା ହେବ



**ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ସିସିଆର୍‌ଏଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

ଭୁବନେଶ୍ୱର, ୨୦।୮ (ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଅନୁସନ୍ଧାନ ପରିଷଦ(ସିସିଆର୍‌ଏଏସ୍) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ପରିଜା ପାଠାଗାରରେ ଥିବା ପ୍ରାଚୀନ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ତାଳପତ୍ର ପୋଥିର ସଂରକ୍ଷଣ ଏବଂ ପୁନରୁଦ୍ଧାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରରେ କୁଳସଚିବ ଡ. କାହ୍ନୁଚରଣ ଧୀର ଏବଂ ସିସିଆର୍‌ଏଏସ୍‌ର ମହାନିର୍ଦ୍ଦେଶକ(ଜେନେରାଲ ମେଡିସିନ) ଡ. ରବି ନାରାୟଣ ଆଚାର୍ଯ୍ୟ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ପତ୍ରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ପରିଜା ପାଠାଗାରରେ ଥିବା ପ୍ରାଚୀନ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ତାଳପତ୍ର ପୋଥିକୁ ଡିଜିଟାଇଜେଶନ ମାଧ୍ୟମରେ ପୁନରୁଦ୍ଧାର କରିବା ଏବଂ ସେଗୁଡ଼ିକର ଜ୍ଞାନକୁ ଆଧୁନିକ ଚିକିତ୍ସା ଗବେଷଣା ଏବଂ ଅଭ୍ୟାସରେ ସମନ୍ୱିତ କରିବା। ତେଣୁ ସିସିଆର୍‌ଏଏସ୍ ସହିତ ଉତ୍କଳ ବିଶ୍ୱବିଶ୍ୱବିଦ୍ୟାଳୟର ଏହି ସହଯୋଗ ଯୁଗାନ୍ତକାରୀ ଗବେଷଣା ପାଇଁ ପଥ ପରିଷ୍କାର କରିବ ଏବଂ ଭାରତୀୟ ଚିକିତ୍ସା ଐତିହ୍ୟକୁ ବିଶ୍ୱ ସ୍ୱୀକୃତି ଦେବାରେ ଯୋଗଦାନ କରିବ ବୋଲି କୁଳପତି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି। ଏହି ସ୍ୱାକ୍ଷର ସମାରୋହରେ ଉଭୟ ଅନୁଷ୍ଠାନର ସଦସ୍ୟ ଏବଂ ଗବେଷକମାନେ ଯୋଗଦେଇଥିଲେ।

**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760004, GANJAM, ODISHA**
No.10022/MCB-2024/Welfare/Dt.Berhampur the 20th August 2024

**CORRIGENDUM**

**No.E-215:** The Tender Call Notice has been published vide No.9726, Dt.8.8.2024 for outsourcing of DIET service to Indoor patient. In terms & conditions, due to typographically error, the following changes have been made which are as follows:

1. In Page No.8 Clause D (1) sub Clause i. The EMD is Rs.6,50,000/- instead of Rs.8,00,000/-.
2. In Page No. 56, Tender Processing Fees is Rs.5000/- instead of Rs.2000/-
3. In Page No.24, Point 7, The annual audited statement for the year from 2021-22, 2022-23 & 2023-24 are required.

The other terms & conditions is remaining unaltered.

The undersigned reserves the right to cancel the Tender in full or parts at any time without assigning any reason thereof.

Sd./- Dean & Principal
MKCG Medical College, Berhampur
OIPR-10013/11/0006/2425

No.MM-123

**OFFICE OF THE DEPUTY DIRECTOR**
**SIMILIPAL SOUTH WILDLIFE DIVISION, BARIPADA**
Phone No.(06792) 252593, Fax:256705, E-mail id:dfo.similipalsouthwl@odisha.gov.in
Letter No.3959/ 1F/50/2024
Dated, Baripada the 20th August, 2024

**CORRIGENDUM**

The date has been modified as follows in respect of Tender Call Notice for Supply of AI enabled Camera Alert System for use in Similipal Tiger Reserve, Mayurbhanj, Odisha in the Tender Notice Published vide Tender Call Notice No.3590, dt.25.07.2024 in the same tender process as per the specification given below.

| Availability of Tender Paper | | Date & Time of Opening of the Tender |
|---|---|---|
| From | To | |
| 1 | 2 | 3 |
| 15.08.2024 at 10.00 AM | 30.08.2024 upto 01.30 PM | 30.08.2024 at 03.30 PM |

Others can see the details from notice inviting tenders available in website https://www.similipal.org. Corrigendum if any shall only be published in the above website.
All other terms and conditions wil remain unaltered.

Sd./- Deputy Director,
Similipal (South) WL Division, Baripada
OIPR-08127/11/0008/2425

### ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ

**ଯାଁଳା, ୨୦।୮ (ବୁଲା ବାରିକ):** ଭୁବନେଶ୍ୱର କଳିଙ୍ଗବିହାରସ୍ଥିତ ଏକ ଘରୋଇ ବିଦ୍ୟାଳୟ ପକ୍ଷରୁ ସମସ୍ତ ବିଦ୍ୟାଳୟ ପ୍ରଦର୍ଶନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଗୟାଧର ସେଠୀ, ମୁଖ୍ୟ ପରିଚାଳକ ଫାଦର ରିଚାର୍ଡ ଭାଜ, ଅଧ୍ୟକ୍ଷ ଡ. ପଦ୍ମନାଭ ରଥ, ଉପାଧ୍ୟକ୍ଷ ଫାଦର ସାଜୀ ଯୋଗଦେଇଥିଲେ। ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସାହିତ୍ୟ, କମ୍ପ୍ୟୁଟର, ସଙ୍ଗୀତ, କଳା ଏବଂ ହସ୍ତଶିଳ୍ପ, ରୋବୋଟିକ୍ସ ଆଦି ବିଭିନ୍ନ ବିଷୟବସ୍ତୁ ଉପରେ ଉପସ୍ଥାପିତ ପ୍ରକଳ୍ପ ଆକର୍ଷଣୀୟ ଥିଲା। ବିଦ୍ୟାଳୟର କର୍ମଚାରୀ, ଛାତ୍ରୀଛାତ୍ରଙ୍କୁ ଦେଇଥିବା ବାର୍ତ୍ତାରେ ମୁଖ୍ୟ ଅତିଥି ପ୍ରଦର୍ଶନୀର ଗୁରୁତ୍ୱକୁ ବୁଝାଇଥିଲେ।

# ଯୋଗାଣ ବିଭାଗ ପକ୍ଷରୁ ପୁଣି ୧ନଂ. ହାଟରେ ଚଢ଼ାଉ

- ୬ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ
- ୩୫ ଟଙ୍କାରେ ଆଳୁ ବିକିବାକୁ ତାଗିଦ

ଭୁବନେଶ୍ୱର, ୨୦।୮ (ବନ୍ଦନା ସେଠୀ)

ରାଜ୍ୟରୁ ଆଳୁ ସଙ୍କଟ ଥମିବାର ନାଁ ଧରୁନାହିଁ। କିଛି ଅସାଧୁ ବ୍ୟବସାୟୀ ଦର ଖସାଇବାକୁ ରାଜି ହେଉନାହାନ୍ତି। ଏଥିସହ କିଛି ଖୁଚୁରା ବେପାରି ଆଳୁ ଷ୍ଟକ୍ ରଖିଥିବା ଅଭିଯୋଗ ପାଇବା ପରେ ମଙ୍ଗଳବାର ଯୋଗାଣ ବିଭାଗ ପକ୍ଷରୁ ପୁଣିଥରେ ୟୁନିଟ୍-୧ ହାଟରେ ଚଢାଉ କରାଯାଇଥିଲା। ବ୍ୟବସାୟୀମାନେ ଆଳୁ କିଲୋପିଛା ୩୬ ଟଙ୍କାରେ ବିକ୍ରି କରୁଥିବା ଦେଖାଯାଇଥିଲା। ତେବେ ବ୍ୟବସାୟୀମାନେ ଗୋଦାମରୁ ୩୧ଟଙ୍କାରେ ଆଳୁ କିଣୁଥିବାରୁ ସେମାନଙ୍କୁ ୩୫ ଟଙ୍କାରେ ବିକ୍ରି କରିବାକୁ ତାଗିଦ କରାଯାଇଛି। ଏଥିସହ ୬ଜଣ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ବ୍ୟବସାୟୀଙ୍କ ମଧ୍ୟରୁ କେତେଜଣ ଆଳୁ ଷ୍ଟକ୍ କରି ରଖିଥିଲେ। ଆଉ କେତେଜଣ କେତେ ଟଙ୍କାରେ ଆଳୁ କିଣିଛନ୍ତି ତାହାର ବିଲ୍ ଦେଖାଇ ପାରି ନ ଥିଲେ କି କ୍ୟାସବୁକ୍ ମେଣ୍ଟେନ୍ କରି ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ଯୋଗାଣ ବିଭାଗ ମୁଖ୍ୟ ସନ୍ଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଅଧିକାରୀଙ୍କ ଏଭଳି ତାଗିଦ୍ ପରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବଜାରରେ ଆଳୁ ଠିକ୍ ଭାବେ ମିଳୁ ନ ଥିବାବେଳେ ଗୋଦାମରୁ କଷ୍ଟେମଷ୍ଟେ ଆଳୁ କିଣାହେଉଛି। ଏଭଳି ସ୍ଥିତିରେ ଦୁଇ ପଇସା ଲାଭ ନ ରଖି ବେପାର କଲେ ଆମେ କେମିତି ଚଳିବୁ ବୋଲି ବ୍ୟବସାୟୀ ପ୍ରଶ୍ନ କରିଛନ୍ତି। ତେବେ ଖୁଚୁରା ବଜାରରେ ଆଳୁଦର ଚଢା ଥିବା ଅଭିଯୋଗ ପାଇ ପୂର୍ବରୁ ଅଗଷ୍ଟ ୧୦ରେ ବିଭାଗ ପକ୍ଷରୁ ଏହି ହାଟରେ ଚଢାଉ କରାଯାଇଥିଲା। ସେତେବେଳେ ଆଳୁ କିଲୋପିଛା ୩୫ରୁ ୩୮ଟଙ୍କା ମଧ୍ୟରେ ବିକ୍ରି କରିବାକୁ ସମସ୍ତ ବ୍ୟବସାୟୀଙ୍କୁ କୁହାଯାଇଥିଲା। ତେବେ ଏବେ ହୋଲସେଲ୍ ଦର କିଛି ମାତ୍ରାରେ କମି ଥିବାରୁ ଖୁଚୁରା ଦର କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବ୍ୟବସାୟ ସମ୍ପର୍କିତ ସମସ୍ତ କାଗଜପତ୍ର ଠିକ୍ ରଖିବା ଓ ଅଯଥାରେ ଆଳୁ ମହଜୁଦ୍ ରଖି ଗ୍ରାହକଙ୍କୁ ହଇରାଣ ନ କରିବାକୁ ତାଗିଦ କରାଯାଇଛି।

**GOVERNMENT OF ODISHA** No.A-241
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, KHODHA**
Tel. No. : (06755) 221502, E-mail : eemidkhurda@yahoo.co.in
Letter No. - 3454 Dt.-20.08.2024

**Invitation for Bids**
**Bid Identification No. SEMIDKHD 02/2024-25**

| | | | |
|---|---|---|---|
| 1 | The Superintending Engineer, Minor Irrigation Division, khordha, on behalf of the Governor of Odisha, invites Percentage Rate Bids in Single and double Cover system in Online Mode only for civil works in Check Dams under MATY Scheme as detailed in the table below from the eligible Class of Contractors. | | |
| 2 | Nature Work | : | Civil works in Check Dams under MATY Scheme in different Blocks of Khordha District |
| 3 | No. of Works | : | 03 (Three) Nos. Only |
| 4 | Cost of Bid Document | : | Rs. 6,000/- & 10,000 through online only |
| 5 | Tender Value | : | Rs. 43.89 to 64.75 |
| 6 | Class of Contractor | : | 'B' Class as applicable |
| 7 | Availability of Bid Documents Online | : | 10.00 A.M. of dt. 02.09.2024 to 5.00 P.M. of dt. 11.09.2024 |
| 8 | Last date and Time for receipt of Bids in the Portal | : | 5.00 P.M. of Dt. 11.09.2024 |
| 9 | date of Opening of Bids | : | 11.00 A.M. of Dt.12.09.2024 |
| 10 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any Addendum/Corrigendum/ Cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./- Superintending Engineer
Minor Irrigation Division
Khordha

OIPR-32042/11/0001/2425

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ୨ ଗୁରୁତର

ବାରଙ୍ଗ,୨୦।୮(ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ନିକଟ ଧୂଳିଆଷଣ୍ଢ ମନ୍ଦିର ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଙ୍କୀ ଥାନା ଗୟଳବାଙ୍କ ଗ୍ରାମର କାର୍ଗିଲ ସୂତାର(୨୦) ଓ କାଳିଆ ରଣା (୨୧)। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ଣ ସାଢ଼େ ୩ଟା ସମୟରେ ଦୁହେଁ ଏକ ବାଇକ୍(ଓଡ଼ି୨୫ପି-୯୦୬୮)ରେ ତ୍ରିଶୂଳିଆ ପଟୁ ଗୟଳବାଙ୍କ ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ଧୂଳିଆଷଣ୍ଢ ମନ୍ଦିର ନିକଟରେ ପହଞ୍ଚିଥିବାବେଳେ ଭାରସାମ୍ୟ ହରାଇ ଉଭୟ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜଣଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ଦୁହେଁ ଚେତାଶୂନ୍ୟ ହୋଇ ମୁଖ୍ୟରାସ୍ତା ଉପରେ ପଡ଼ିଥିଲେ। ସେହି ସମୟରେ ରାସ୍ତାରେ ଯାଉଥିବା ଜଣେ ପଥଚାରୀ ଏହା ଦେଖି ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲେ।

### ବେଆଇନ ଖନନ: ଜେସିବି ଜବତ

ଆଠଗଡ, ୨୦।୮(ସତ୍ୟ ପ୍ରସାଦ ରଥ)

ଆଠଗଡ ବନ ବିଭାଗ ପକ୍ଷରୁ ବେଆଇନ ଖନନବେଳେ ଗୋଟିଏ ଜେସିବି ଜବତ କରାଯାଇଛି। ପ୍ରକାଶଯୋଗ୍ୟ ଆଠଗଡ ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବୌଦା ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବରେ ଗ୍ରାଭେଲସ ଚୋରା ଚାଲାଣ ହେଉଥିଲା। ଗୋଟିଏ ଜେସିବି ଘଟଣାସ୍ଥଳରେ ଗ୍ରାଭେଲସ ଉଠାଉଥିବା ବନବିଭାଗ ପକ୍ଷରୁ ସୂଚନା ପାଇଥିଲା। ଖବରପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ଜେସିବି ଛାଡି ପଳାଇଛନ୍ତି। ଏହାପରେ ଜେସିବିକୁ ଜବତ କରାଯାଇ ଆଠଗଡ ଅଣାଯାଇଛି। ଏହି ଚଢ଼ାଉରେ ରେଞ୍ଜ ଅଫିସର ରବୀନ୍ଦ୍ର କୁମାର ନାୟକ, ସଦର ଫରେଷ୍ଟର ସବିତା ରାଉତ, ଫରେଷ୍ଟ ଗାର୍ଡ ପ୍ରଶାନ୍ତ କୁମାର ବେହେରା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୭ରେ ଆଠଗଡ ତହସିଲ ଅନ୍ତର୍ଗତ ବୈଦ ଗ୍ରାମ ନିକଟରୁ ବେଆଇନ ଭାବେ ମୋରମ ଖାଦାନରୁ ମୋରମ ଚାଲାଣ ହେଉଥିଲା। ଖବରପାଇ ରାଜସ୍ୱ ବିଭାଗ ଓ ଖଣି ବିଭାଗ ଘଟଣା ସ୍ଥଳରେ ପହଞ୍ଚି ୨ଟି ଜେସିବି, ୯ ହାଇୱା ଜବତ କରିଥିଲା।

### ଆଇଆଇଟି ପରୀକ୍ଷାରେ ରୟାଲ କଲେଜ ଛାତ୍ର ଶୁଭକାନ୍ତଙ୍କ ସଫଳତା

ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା):

ଆବାସିକ କଲେଜ ରୟାଲ ହାୟର ସେକେଣ୍ଡାରି ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଗତ ୨୦ ବର୍ଷ ଭଳି ଏବର୍ଷ ମଧ୍ୟ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ସେହିଭଳି ସର୍ବଭାରତୀୟ ଆଇଆଇଟି ପରୀକ୍ଷାରେ କଲେଜର ଛାତ୍ର ଶୁଭକାନ୍ତ ବେହେରା ପ୍ରଥମ ପ୍ରୟାସରେ ର୍ୟାଙ୍କ-୨୫୫ ରଖିପାରିଛନ୍ତି। ଏହି ସଫଳତା ପାଇଁ କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଶୁଭକାନ୍ତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି

ବାଙ୍କୀ,୨୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାବିତ୍ରୀ ଜନସେବା ସଂସ୍ଥା ଏବଂ କଟକ ଜିଲା ଏବଂ ବାଙ୍କୀ ବ୍ଲକ ପ୍ରଶାସନର ମିଳିତ ତତ୍ତ୍ୱାବଧାନରେ ବ୍ଲକ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବ୍ଲକର ୫ ପଞ୍ଚାୟତ ଯଥା ବୈଦ୍ୟେଶ୍ୱର, ବଳଭଦ୍ରପୁର, ପୁଇଁଚା, ଓସ୍ତିଆ ଓ କଦଳୀବାଡିପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଏଥିରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାବିତ୍ରୀ ଜନସେବା ସଂସ୍ଥାର ଦେବବ୍ରତ ମାନସ କୁମାର ମାନସିଂ ପରିଚାଳନା କରିଥିବାବେଳେ ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବଳଭଦ୍ରପୁର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ, ବ୍ଲକ ପିଇଓ ଧିରେନ୍ଦ୍ର କୁମାର ସାହୁ, ଏଡିଓ ଶରତ କୁମାର ଜେନା ଓ ଦିନବନ୍ଧୁସ୍ୱାଇଁପ୍ରମୁଖ ଆଲୋକପାତ କରିଥିଲେ। ଏଥିରେ ଧନେଶ୍ୱର ରାଉତ, ସରୋଜ ସାହୁ, ଶୁଭଦର୍ଶିନୀ ରାଉତ, ସଲିମୁଦ୍ଦିନ ଖାଁ, ପ୍ରକାଶ ସ୍ୱାଇଁ, ସୁଶାନ୍ତ ଜେନା, ଚିନ୍ମୟ ଗୋଛିପ୍ରମୁଖ ସହଯୋଗ କରିଥିଲେ।

# ମଣ୍ଡିରେ ଧାନ ଦେବାରୁ ୮ ଗ୍ରାମର ଚାଷୀ ବଞ୍ଚିତ

ରଘୁନାଥପୁର, ୨୦।୮(ରାଜେନ୍ଦ୍ର ନାରାୟଣ ସିଂହ)




- ୨୫ ବର୍ଷ ଧରି ସେବା ସମବାୟ ସମିତି ଅଚଳ
- ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ହୋଇପାରୁନାହିଁ
- ନିଜସ୍ୱ ଜମି ହେଲେ ନିର୍ମାଣ ହେଉନି ଗୃହ
- ନେଣଦେଣ କାରବାର ଠପ୍

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ମହମ୍ମଦପୁରରେ ଥିବା ମଣିଜଙ୍ଗ ସେବା ସମବାୟ ସମିତିରେ ଗତ ୨୫ ବର୍ଷ ହେବ ଅଚଳାବସ୍ଥା ଲାଗିରହିଛି। ୧୯୯୯ ମହାବାତ୍ୟା ବେଳେ ସମିତିର ଅଫିସ୍ ଗୃହ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ପୁନର୍ବାର ସମିତିକୁ କାର୍ଯ୍ୟକାରୀ କରାଇବାରେ ସରକାରଙ୍କ ଆନ୍ତରିକତା ପ୍ରକାଶ ପାଇନାହିଁ। ବର୍ତ୍ତମାନ ପ୍ରଶାସନିକ ଦାୟିତ୍ୱ ଜଗତ୍‌ସିଂହପୁର ଜିଲା ଅଧୀନରେ ଥିବାବେଳେ ଧାନମଣ୍ଡି ଦାୟିତ୍ୱ କଟକ ଜିଲା ଯୋଗାଣ ବିଭାଗ ଅଧୀନରେ ରହିଛି। ଗତ ୨୦୨୨ରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ତତ୍କାଳୀନ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ମଣିଜଙ୍ଗ ଓ ମହମ୍ମଦପୁର ପଞ୍ଚାୟତର ୮ଟି ରାଜସ୍ୱ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ସମିତିରେ ସଭ୍ୟ ଥାଇ ସୁଦ୍ଧା ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ସମିତିରେ କମ୍ପ୍ୟୁଟର ସହ ଆଇଡି ପାସ୍‌ୱାର୍ଡ ଓ ଲିଙ୍କ୍ ଯୋଗାଇ ଦିଆଯାଇ ନ ଥିବାରୁ ଚାଷୀମାନେ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ପାରି ମଣ୍ଡିରେ ଧାନ ଦେଇପାରୁନାହାନ୍ତି।

ଅନ୍ୟପକ୍ଷେ ସାର, ଔଷଧ ମଧ୍ୟ ପାଇପାରୁନାହାନ୍ତି। ଏହାଛଡ଼ା ସମିତିରୁ ଲୋନ୍ ନେବା ଏବଂ ନେଣଦେଣ କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମହାବାତ୍ୟା ପୂର୍ବରୁ ଦ୍ୱୀପାଞ୍ଚଳରେ ସକ୍ରିୟ ଥିବା ଏହି ସମିତି ବର୍ତ୍ତମାନ ନିଜର ସ୍ଥିତି ହରାଇବସିଛି ବୋଲି ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରା ପ୍ରକାଶ କରିଛନ୍ତି। ସମିତିର ନିଜସ୍ୱ ଜମି ଥିବାବେଳେ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଛି। ଏହାସତ୍ତ୍ୱେ ଅଫିସ୍ ଓ ଗୋଦାମଘର ନାହିଁ। ସମିତିକୁ ଲାଗି ରହିଥିବା ପଞ୍ଚାୟତ ଅଫିସ୍ ପକ୍ଷରୁ ଗୋଟିଏ ଛୋଟଘର ଯୋଗାଇ ଦିଆଯାଇଛି। ସ୍ଥାନୀୟ ଉତ୍ତରକୁଳ ସମିତିର ସମ୍ପାଦକ ଅବିନାଶ ରାଉତ ଏହାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବିଗତ ଦିନରେ ଋଣ ନେଇଥିବା ଚାଷୀଙ୍କୁ ଖୋଜି ବାହାର କରିବା ଏବଂ ନୂତନ ଚାଷୀଙ୍କୁ ଋଣ ପ୍ରଦାନ କରିବା ସମ୍ପର୍କରେ ବିଚାର କରାଯାଉଛି ବୋଲି ସମ୍ପାଦକ ରାଉତ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ସମିତିକୁ ତୁରନ୍ତ ଲିଙ୍କ୍ ଓ ଆଇଡି ପାସ୍‌ୱାର୍ଡ ଯୋଗାଇଦେବା, ଧାନମଣ୍ଡି ଖୋଲିବା ଏବଂ ସାର, ଔଷଧ ଯୋଗାଇଦେବା ପାଇଁ କିଶୋର କୁମାର ସାହୁ, ପୂର୍ବତନ ଅଧକ୍ଷ ନରେନ୍ଦ୍ର ବାରିକ, ରଞ୍ଜନ ବେହେରା, ବସନ୍ତ ନାୟକ, ଏସ୍.କେ. ସୋଫିଆନ୍, ଏସ୍.କେ. ଜଲାଲ୍‌ଉଦ୍ଦିନ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ସାହୁ ଓ ସାରଦା ନାୟକ ଏବଂ ମଣିଜଙ୍ଗ ସରପଞ୍ଚ ସାରଦା ପ୍ରସାଦ ମହାନ୍ତି ଜଗତ୍‌ସିଂହପୁର ଓ କଟକ ଜିଲାପାଳ, କେନ୍ଦ୍ରାଞ୍ଚଳ ଆୟୁକ୍ତ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ଲିଙ୍କ୍ ଓ ଆଇଡି ପାସ୍‌ୱାର୍ଡ ଦେବାର ବ୍ୟବସ୍ଥା କରାଯାଉଛି ବୋଲି ଜଗତ୍‌ସିଂହପୁର ଏଆର୍‌ସିଏସ୍ ପ୍ରଭାତ କୁମାର ଶତପଥୀ ପ୍ରକାଶ କରିଛନ୍ତି। ସେହିପରି ଆସନ୍ତା ରବି ସିଜନରେ ମଣ୍ଡି ଖୋଲାଯିବା ପାଇଁ ବ୍ୟବସ୍ଥା ହେଉଛି ବୋଲି କଟକ ଡିଆର୍‌ସିଏସ୍ ଶିବପ୍ରସାଦ ସ୍ୱାଇଁ କହିଛନ୍ତି।

# ଆର୍ଥିକ ସଂସ୍କାର, ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଶିବିରରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୨୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କଲେଜ ରୋଡ୍‌ସ୍ଥିତ ଶିକ୍ଷାଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ସହାୟତାରେ ୫ଦିନିଆ ଆର୍ଥିକ ସଂସ୍କାର ଓ ପରିଚାଳନା ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ରମେଶ ଚନ୍ଦ୍ର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଶିବିରାର୍ଥୀମାନେ ନିଜେ ନିଜର ଉଦ୍ୟୋଗ ସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ କଲେଜର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ଛାଟୋଇ ଯୋଗଦେଇ ଆର୍ଥିକ ସଂସ୍କାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟର ସହକାରୀ ନିର୍ଦ୍ଦେଶକ ଦୁର୍ଗାଚରଣ ମିଶ୍ର ଉପସ୍ଥିତ ରହି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଙ୍କୀ ଶିଳ୍ପ ବିକାଶ ଅଧିକାରୀ ସତ୍ୟପ୍ରିୟ ସାହୁ ଯୋଗଦେଇ ବିଭିନ୍ନ କ୍ଷୁଦ୍ରଶିଳ୍ପ ଉପରେ ଆଲୋକପାତ କରିଥିଲେ। ଶେଷରେ ଟ୍ରଷ୍ଟର ସଂଯୋଜିକା ରୋଜାଲିନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଝୁଲଣ ଯାତ୍ରା, ସମ୍ବର୍ଦ୍ଧନା ଉତ୍ସବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ମାହାଙ୍ଗା,୨୦।୮(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ହଂସଦିଆଠାରେ ବୃନ୍ଦାବନଜୀଉ ଝୁଲଣ କମିଟି ହଂସଦିଆ ପକ୍ଷରୁ ବୃନ୍ଦାବନ ଦେବଙ୍କ ୨୮ ତମ ଝୁଲଣ ଯାତ୍ରା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଝୁଲଣ ଯାତ୍ରା ୩ ଦିନ ଧରି ଆୟୋଜନ କରାଯାଇଥିଲା। କମିଟିର ସଭାପତି ନାରାୟଣ କର ଏଥିରେ ସଭାପତିତ୍ୱ କରିଥିବାବେଳେ ଅଜୟ ପାତ୍ର ସଂଯୋଜନା କରିଥିଲେ। ଅତିଥିଭାବେ ସରପଞ୍ଚଙ୍କ ପ୍ରତିନିଧି ତଥା କବି ପ୍ରଶାନ୍ତ କର, ସାମାଜିକ କର୍ମୀ ଧନେଶ୍ୱର ଭଦ୍ର, ସନ୍ତୋଷ କର, ବଟକୃଷ୍ଣ ଦାଶ, ଖବରଦାତା ଅଶୋକ ଦାଶ, କଣ୍ଠଶିଳ୍ପୀ ସୁଧାକର ପଣ୍ଡା ପ୍ରମୁଖ ଯୋଗଦେଇ ଝୁଲଣ ଯାତ୍ରାର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ଅତିଥିମାନେ ବରିଷ୍ଠ କଳାକାର ବବୁଲ ନନ୍ଦ, ଖବରଦାତା ରମେଶ ଚନ୍ଦ୍ର ସାହୁ , କଣ୍ଠଶିଳ୍ପୀ ସୁଧାକର ପଣ୍ଡା, ତବଲା ବାଦକ ସନ୍ତୋଷ ଶତପଥୀ, ଢୋଲକି ବାଦକ ଚିନ୍ମୟ ପଣ୍ଡା, କଳାକାର ନରେଶ ରାଉତ, ଅରଗାନ ବାଦକ ସୁବାସ ଶତପଥୀ, କଣ୍ଠଶିଳ୍ପୀ ପାୟଲ ନନ୍ଦ, ତନ୍ମୟ ନନ୍ଦ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଅଶୋକ ରାୟ, ବିଷ୍ଣୁପ୍ରିୟା ବଳ, ଓମଶ୍ରୀ ବଳ, ପ୍ରଦୀପ ନାୟକ, ବିଳାସ ଚନ୍ଦ୍ର ପଲେଇ, କୈଳାସ ଚନ୍ଦ୍ର ପଲେଇ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ରାଧାକୃଷ୍ଣଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବ ପରିଚାଳନାରେ ରାମଚନ୍ଦ୍ର କର, ଶତ୍ରୁଘ୍ନ କର,ବୀରକିଶୋର ଲେଙ୍କା, ଅଶୋକ କର, ଜଗନ୍ନାଥ ବିଶ୍ୱାଳ, ଦିଲୀପ ପଣ୍ଡା, ମଗୁଲି ଲେଙ୍କା, ପ୍ରହ୍ଲାଦ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

### କୈବର୍ତ୍ତ ସମାଜ ସେବା ପ୍ରତିଷ୍ଠାନର ପ୍ରଥମ ପ୍ରତିଷ୍ଠା ଦିବସ

କଟକ ସଦର,୨୦।୮(ସୁଶାନ୍ତ କୁମାର ଜେନା)

କୈବର୍ତ୍ତ ସମାଜ ସେବା ପ୍ରତିଷ୍ଠାନର ପ୍ରଥମ ପ୍ରତିଷ୍ଠା ଦିବସ କଟକ ସଦର ଶ୍ରୀରାମ ମନ୍ଦିରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସେବା ପ୍ରତିଷ୍ଠାନ ସଭାପତି ରବୀନ୍ଦ୍ରନାଥ ବେହେରା ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଦୀପ୍ତ ମହାଳି, ସମ୍ପାଦକ ଚିତ୍ତରଞ୍ଜନ ବେହେରା, ଗୋଲେଖ ଚନ୍ଦ୍ର ବେହେରା, ସତ୍ୟରଞ୍ଜନ ନାୟକ ପ୍ରମୁଖ କୈବର୍ତ୍ତ ସମାଜ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଅକ୍ଷୟ ମାଦଳି, ସନ୍ତୋଷ ଦଳେଇ, ତ୍ରିଲୋଚନ ବେହେରା, ବିଦ୍ୟାଧର ରାଉଳ ପ୍ରମୁଖ ଅନୁଷ୍ଠାନକୁ ସଙ୍ଗଠିତ କରିବାକୁ ଆହ୍ୱାନ ଜଣାଇଥିଲେ। ବିଦ୍ୟାଧର ରାଉଳ, ଧୀରେନ୍ଦ୍ର ନାଥ ବେହେରା, ଗୋପୀନାଥ ବେହେରାଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ସୁଶାନ୍ତ କୁମାର ତରାଇଙ୍କୁ ଡିଜିଟାଲ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ଶେଷରେ କୈବର୍ତ୍ତ ସମାଜର ଉନ୍ନତି ପାଇଁ ବାସୁଳେଇଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା।

# ଗାଁ ମୁହାଁ ୩ ଦନ୍ତାହାତୀ: ଲୋକେ ଭୟଭୀତ

ବାଙ୍କୀ,୨୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମ ନିକଟ ଶ୍ରୀଗୁଣ୍ଡିଚା ପାଖ ବନ୍ଧ ନିକଟରେ ୩ ଦନ୍ତା ହାତୀ ଦେଖି ଲୋକେ ଭୟଭୀତ ହୋଇଯାଇଛନ୍ତି। ହାତୀମାନେ ଭୋର ସମୟରେ ମହାନଦୀରେ ପହଁରି ସୁବର୍ଣ୍ଣପୁର ଗ୍ରାମ ନିକଟରେ ପହଞ୍ଚି ଅନ୍ୟତ୍ର ଯିବାକୁ ଚେଷ୍ଟା କରିଥିଲେ। ମାତ୍ର ସେମାନେ ବାଟହୁଡି ଯିବାରୁ ଆଗକୁ ଯାଇପାରି ନ ଥିଲେ। ନିକଟସ୍ଥ ଗାଁ ଆମ୍ବତୋଟାରେ ରହିଯାଇଥିଲେ। ଖବରପାଇ ଆଠଗଡ଼ ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ହାତୀମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ ମାତ୍ର ସେମାନେ ଯାଇପାରି ନ ଥିଲେ । ରାତି ହେଲେ ହାତୀମାନେ ଜଙ୍ଗଲକୁ ଚାଲିଯିବାର ସମ୍ଭାବନା ରହିଛି ବୋଲି ବନବିଭାଗ କର୍ମଚାରୀମାନେ କହିଛନ୍ତି।



ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମ ନିକଟ ଶ୍ରୀଗୁଣ୍ଡିଚା ପାଖ ବନ୍ଧ ନିକଟରେ ବୁଲୁଥିବା ଦନ୍ତାହାତୀ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ





ବାଙ୍କୀ କଟେରି ଛକ ମୁଖ୍ୟ ରାସ୍ତାରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିନ୍ତି।

ବାଙ୍କୀ,୨୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବସ୍ ଧକ୍କାରେ ଯୁବକ ମୃତ ଘଟଣା**

- ଯାତାୟାତ ବାଧାପ୍ରାପ୍ତ

ବାଙ୍କୀ ଟାଉନ୍‌ସ୍ଥିତ ନୃସିଂହ ଛକ ନିକଟରେ ଏକ ଘରୋଇ ବସ୍ ଧକ୍କାରେ ସୋମବାର ଏହି ଥାନା ଅନ୍ତର୍ଗତ ୧୩ନଂ. ୱାର୍ଡସ୍ଥିତ ରଣପୁର ଗ୍ରାମର ଗଣେଶ୍ୱର ଦଳେଇଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମଙ୍ଗଳବାର ଗଣେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହପରେ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ଯୁବକମାନେ ବାଙ୍କୀ କଚେରି ଛକ ମୁଖ୍ୟରାସ୍ତାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଥିଲେ । ଫଳରେ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ମହାନ୍ତି ଓ ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା ଘଟଣାସ୍ଥଳରେ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରିଥିଲା। କ୍ଷତିପୂରଣ ନିମନ୍ତେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


**OFFICE OF THE SUPERINTENDING ENGINEER**
**KHARIAR (R&B) DIVISION, KHARIAR, DIST: NUAPADA, ODISHA**
E-mail:eeroads.khr@rediffmail.com
No.3893, Date:17.08.2024

**BID CANCELLATION**

**No.B-184:** The Bid for the work "S/R to Khariar-Sinapali Road (ODR) such as construction of Cement Concrete Drain at Gandabahali village from 20/800 KM to 21/014 KM during the year 2023-24" bearing (Tender ID: 2023_EICCL_90955_1) invited vide Bid Identification No.SER&BKHR-07/2023-24) vide letter No.3305, Dated 15.07.2023 with 1st Corrigendum letter No.3395, Dated 19.07.2023 is hereby cancelled due to administrative reasons/issues.

Sd./- Executive Engineer,
Khariar (R&B) Division
OIPR-34062/11/0007/2425

**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760004, GANJAM, ODISHA**
No.10022/MCB-2024/Welfare/Dt.Berhampur the 20th August 2024

**CORRIGENDUM**

**No.E-215:** The Tender Call Notice has been published vide No.9726, Dt.8.8.2024 for outsourcing of DIET service to Indoor patient. In terms & conditions, due to typographically error, the following changes have been made which are as follows:

1. In Page No.8 Clause D (1) sub Clause i. The EMD is Rs.6,50,000/- instead of Rs.8,00,000/-.
2. In Page No. 56, Tender Processing Fees is Rs.5000/- instead of Rs.2000/-
3. In Page No.24, Point 7, The annual audited statement for the year from 2021-22, 2022-23 & 2023-24 are required.

The other terms & conditions is remaining unaltered.
The undersigned reserves the right to cancel the Tender in full or parts at any time without assigning any reason thereof.

Sd./- Dean & Principal
MKCG Medical College, Berhampur
OIPR-10013/11/0006/2425

No.MM-123
**OFFICE OF THE DEPUTY DIRECTOR**
**SIMILIPAL SOUTH WILDLIFE DIVISION, BARIPADA**
Phone No.(06792) 252593, Fax:256705, E-mail id:dfo.similipalsouthwl@odisha.gov.in
Letter No.3959/ 1F/50/2024
Dated, Baripada the 20th August, 2024

**CORRIGENDUM**

The date has been modified as follows in respect of Tender Call Notice for Supply of AI enabled Camera Alert System for use in Similipal Tiger Reserve, Mayurbhanj, Odisha in the Tender Notice Published vide Tender Call Notice No.3590, dt.25.07.2024 in the same tender process as per the specification given below.

| Availability of Tender Paper | | Date & Time of Opening of the Tender |
|---|---|---|
| From | To | |
| 1 | 2 | 3 |
| 15.08.2024 at 10.00 AM | 30.08.2024 upto 01.30 PM | 30.08.2024 at 03.30 PM |

Others can see the details from notice inviting tenders available in website https://www.similipal.org. Corrigendum if any shall only be published in the above website.
All other terms and conditions wil remain unaltered.

Sd./- Deputy Director,
Similipal (South) WL Division, Baripada
OIPR-08127/11/0008/2425

No.A-241
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KHODHA**
Tel. No. : (06755) 221502, E-mail : eemidkhurda@yahoo.co.in
Letter No. - 3454 Dt.-20.08.2024

**Invitation for Bids**
**Bid Identification No. SEMIDKHD 02/2024-25**

| | | | |
|---|---|---|---|
| 1 | The Superintending Engineer, Minor Irrigation Division, khordha, on behalf of the Governor of Odisha, invites Percentage Rate Bids in Single and double Cover system in Online Mode only for civil works in Check Dams under MATY Scheme as detailed in the table below from the eligible Class of Contractors. | | |
| 2 | Nature Work | : | Civil works in Check Dams under MATY Scheme in different Blocks of Khordha District |
| 3 | No. of Works | : | 03 (Three) Nos. Only |
| 4 | Cost of Bid Document | : | Rs. 6,000/- & 10,000 through online only |
| 5 | Tender Value | : | Rs. 43.89 to 64.75 |
| 6 | Class of Contractor | : | 'B' Class as applicable |
| 7 | Availability of Bid Documents Online | : | 10.00 A.M. of dt. 02.09.2024 to 5.00 P.M. of dt. 11.09.2024 |
| 8 | Last date and Time for receipt of Bids in the Portal | : | 5.00 P.M. of Dt. 11.09.2024 |
| 9 | date of Opening of Bids | : | 11.00 A.M. of Dt.12.09.2024 |
| 10 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any Addendum/Corrigendum/ Cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./- Superintending Engineer
Minor Irrigation Division
Khordha
OIPR-32042/11/0001/2425

## ଆର୍.ଜି. କର ହସ୍ପିଟାଲ ଆର୍ଥିକ ଅନିୟମିତତାର ତଦନ୍ତ କରିବ ଏସ୍ଆଇଟି

**କୋଲକାତା,୨୦।୮**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ହୋଇଥିବା ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ରାଜ୍ୟ ପୋଲିସ ଏକାଡେମୀର ଆଇଜି ଡ. ପ୍ରଣବ କୁମାର ୪ ଜଣିଆ ଏସ୍ଆଇଟିର ମୁଖ୍ୟ ରହିଛନ୍ତି। ଉକ୍ତ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ରୋଗୀସେବା ବାଧାପ୍ରାପ୍ତ ହୋଇଥିବାବେଳେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟ ୧୦ ଜଣିଆ ଟାସ୍କଫୋର୍ସ ଗଠନ କରିଛନ୍ତି। ଏଭଳି ସମୟରେ ହସ୍ପିଟାଲରେ ୨୦୨୧ ଜାନୁଆରୀରୁ ଆଜି ପର୍ଯ୍ୟନ୍ତ ହୋଇଥିବା ଆର୍ଥିକ ଅନିୟମିତତାର ତଦନ୍ତ ଏସ୍ଆଇଟି ଦ୍ୱାରା କରାଯିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

## ଭାରତ-ମାଲେସିଆ ପ୍ରତିରକ୍ଷା ସହଭାଗିତା ବଢ଼ାଇବେ

**ନୂଆଦିଲ୍ଲୀ, ୨୦।୮**

ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ସୋମବାରଠାରୁ ୩ ଦିନିଆ ଭାରତ ଗସ୍ତରେ ରହିଛନ୍ତି। ଏହି ଅବସରରେ ସେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ବାଣିଜ୍ୟ, ନିବେଶ ଓ ପ୍ରତିରକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୨ ଦେଶ ପରସ୍ପରକୁ ସହଯୋଗ କରିବେ ବୋଲି ଉଭୟ ନେତା ପରସ୍ପରକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ ଓ ମାଲେସିଆ ମଧ୍ୟରେ ୮ଟି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ମାଲେସିଆରେ ଭାରତୀୟ ଶ୍ରମିକଙ୍କ ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ଓ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ସମ୍ବନ୍ଧିତ ଚୁକ୍ତିନାମାରେ ଉଭୟ ଦେଶ ହସ୍ତାକ୍ଷର କରିଛନ୍ତି।

## ଭୂସ୍ଖଳନରେ ତୀସ୍ତା ପାୱାର ଷ୍ଟେଶନ ଧ୍ୱସ୍ତ

**ଗୁଆହାଟୀ, ୨୦।୮**

ସିକ୍କିମରେ ମଙ୍ଗଳବାର ସକାଳେ ଭୂସ୍ଖଳନ ଘଟି ନ୍ୟାଶନାଲ ହାଇଡ୍ରୋଇଲେକ୍ଟ୍ରିକ ପାୱାର କୋପରେଶନ(ଏନ୍ଏଚ୍ପିସି)ର ତୀସ୍ତା ଷ୍ଟେଜ୍ ୫ ଡ୍ୟାମ୍‌ର ପାୱାର ଷ୍ଟେଶନ ନଷ୍ଟ ହୋଇଯାଇଛି। ଗତ କିଛି ଦିନ ଧରି ନେପାଳରେ ହେଉଥିବା ଛୋଟମୋଟ ଭୂସ୍ଖଳନ ଯୋଗୁ ଏହି ପାୱାର ଷ୍ଟେଶନ ଦୁର୍ବଳ ହୋଇ ପଡ଼ିଥିବା ସ୍ଥାନୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଭୂସ୍ଖଳନ ପ୍ରଭାବରେ ତୀସ୍ତା ଡ୍ୟାମ୍‌କୁ ଲାଗିକରି ଥିବା ପାହାଡ଼ର ଏକ ବଡ଼ ଅଂଶ ଭାଙ୍ଗିଯାଇ ଉକ୍ତ ପାୱାର ଷ୍ଟେଶନ ଉପରେ ପଡ଼ିଥିଲା। ତେବେ ଏହି ଦୁର୍ଘଟଣାରେ କେହି ଆହତ କିମ୍ବା ମୃତାହତ ହୋଇନାହାନ୍ତି।

## ସ୍କୁଲରେ ୨ ନାବାଳିକାଙ୍କୁ ଯୌନ ନିର୍ଯାତନା

# ବିକ୍ଷୋଭ ବେଳେ ହିଂସା



- ■ ଆନ୍ଦୋଳନକାରୀଙ୍କୁ ଲାଠିମାଡ଼
- ■ ଇଣ୍ଟରନେଟ୍ ସେବା ବନ୍ଦ

**ମୁମ୍ବାଇ,୨୦।୮**

ମହାରାଷ୍ଟ୍ରର ଠାଣେ ଜିଲା ଅନ୍ତର୍ଗତ ଏକ ସ୍କୁଲରେ ୪ ବର୍ଷ ବୟସର ୨ ଜଣ ନର୍ସରୀ ଛାତ୍ରୀଙ୍କୁ ସୁଇପର ଯୌନ ନିର୍ଯାତନା ଦେଇଥିବା ଅଭିଯୋଗକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ମଙ୍ଗଳବାର ବଦଲାପୁର ଷ୍ଟେଶନରେ ବିକ୍ଷୋଭ କରିବା ସହ ରେଲରୋକୋ କରିବାରୁ ୧୫ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ ହୋଇଛି। ଅମ୍ବେରନାଥ ଏବଂ କାର୍‌ଜାତ ସେକ୍ସନ ମଧ୍ୟରେ ରେଳ ଚଳାଚଳ ୧୦ ଘଣ୍ଟା ବନ୍ଦ ରହିଥିଲା। ଫଳରେ ବହୁ ଯାତ୍ରୀ ଷ୍ଟେଶନରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପିଲାଙ୍କ ଅଭିଭାବକ ଓ ଅନ୍ୟମାନେ ସ୍କୁଲରେ ଭଙ୍ଗାରୁଜା କରିଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିବାବେଳେ ଉତ୍ତେଜନା ଲାଗିରହିଥିବାରୁ ଇଣ୍ଟରନେଟ ସେବାକୁ ସ୍ଥଗିତ ରଖାଯାଇଛି।

ସ୍କୁଲର ଜଣେ ୨୩ ବର୍ଷୀୟ ସଫେଇ କର୍ମଚାରୀ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏତଲା ଦେବାରେ ବିଳମ୍ବ ପାଇଁ ଜଣେ ବରିଷ୍ଠ ପୋଲିସ ଇନ୍ସପେକ୍ଟରଙ୍କ ସମେତ ୩ ଜଣ ଅଫିସରଙ୍କୁ ମହାରାଷ୍ଟ୍ର ସରକାର ନିଲମ୍ବନ କରିଛନ୍ତି। ଘଟଣାର ତଦନ୍ତ ପାଇଁ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସ୍କୁଲ ପାଇଖାନାରେ ୨ ଶିଶୁଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ୧୬ ତାରିଖରେ ଘଟଣା ସମ୍ପର୍କରେ ତାଙ୍କ ମାଆବାପାଙ୍କୁ ଜଣାଇଥିଲେ। ହସ୍ପିଟାଲରେ ପରୀକ୍ଷା କରାଯିବା ପରେ ନର୍ସରି ଛାତ୍ରୀଙ୍କ ଗୁପ୍ତାଙ୍ଗରେ କ୍ଷତ ହୋଇଥିବା ଜଣାପଡ଼ିଥିଲା। ଦାଦା (ମରାଠୀ ଭାଷାରେ ଭାଇ) ମୋ ପୋଷାକ ଖୋଲିବା ସହ ଗୁପ୍ତାଙ୍ଗ ସ୍ପର୍ଶ କରିଥିଲେ ବୋଲି ଛାତ୍ରୀ ଜଣକ କହିଥିଲେ। ତେବେ ଅଭିଯୋଗର ୧୨ ଘଣ୍ଟା ପରେ ପୋଲିସ ୧୭ ତାରିଖରେ ଏତଲା ଦାଏର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି ଅଭିଯୋଗ ହୋଇଛି। ଶିଶୁ ଯୌନ ଅପରାଧ ପ୍ରତିକାର (ପୋକ୍‌ସୋ) ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି।

ସ୍କୁଲରେ ଲାଗିଥିବା ସିସିଟିଭି କାମ କରୁ ନ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଛୋଟ ପିଲାମାନଙ୍କ ଯତ୍ନ ନେବା ପାଇଁ ମହିଳା କର୍ମଚାରୀଙ୍କୁ ସ୍କୁଲ୍ ପରିଚାଳନା କର୍ତ୍ତୃପକ୍ଷ ନିୟୋଜିତ କରି ନ ଥିଲେ। ଉତ୍ତେଜନା ବଢ଼ିବା ପରେ ପରିଚାଳନା ବୋର୍ଡ ସ୍କୁଲର ପ୍ରିନ୍ସିପାଲ, ଜଣେ ଶ୍ରେଣୀ ଶିକ୍ଷକ ଏବଂ ଜଣେ ମହିଳା ଆଟେଣ୍ଡାଣ୍ଟଙ୍କୁ ନିଲମ୍ବନ କରିଛି। ଉତ୍ତେଜିତ ଅଭିଭାବକ ଓ ସ୍ଥାନୀୟ ଲୋକେ ମଙ୍ଗଳବାର ସକାଳ ୮ଟାରୁ ବଦଲାପୁର ଷ୍ଟେଶନରେ ପହଞ୍ଚି ରେଲରୋକୋ ଆନ୍ଦୋଳନ ଚଳାଇଥିଲେ। ଅଭିଯୁକ୍ତ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। କେତେଜଣ ବିକ୍ଷୋଭକାରୀ ସ୍କୁଲରେ ଭଙ୍ଗାରୁଜା କରିବା ସହ ରେଲଷ୍ଟେଶନରେ ଟେକାମାଡ଼ କରିବାରୁ ହିଂସାତ୍ମକ ସ୍ଥିତି ଉପୁଜିଥିଲା। ଫଳରେ ଷ୍ଟେଶନରୁ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ପୋଲିସ କମିଶନରଙ୍କୁ ଫୋନ୍ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀଙ୍କୁ ଫାଶୀଦଣ୍ଡ ମିଳିବା ଆବଶ୍ୟକ ବୋଲି ସେ କହିଛନ୍ତି। ଶିକ୍ଷା ବିଭାଗ ଏବଂ ପୋଲିସ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାର ତଦନ୍ତ ଲାଗି ଜାତୀୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଠାଣେକୁ ଏକ ଟିମ୍ ପଠାଇବ ବୋଲି କହିଛି।

## କମଳା ହାରିସ୍ ଧରିଲେ ଡେମୋକ୍ରାଟିକ୍ ପାର୍ଟି ମଞ୍ଚ



ଶିକାଗୋରେ ଅନୁଷ୍ଠିତ ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନ୍‌ଶନରେ ଜୋ ବାଇଡେନ୍ କମଳା ହାରିସ୍‌ଙ୍କୁ ଦଳର ଦାୟିତ୍ୱ ହସ୍ତାନ୍ତର କରୁଛନ୍ତି।

**ଶିକାଗୋ,୨୦।୮**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ଡେମୋକ୍ରାଟିକ୍ ପାର୍ଟିର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ହାରିସ୍ ଜଣେ ଐତିହାସିକ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ବାଇଡେନ୍ ଆମେରିକୀୟ ଭୋଟରମାନଙ୍କୁ ନିବେଦନ କରିଛନ୍ତି।

ଶିକାଗୋଠାରେ ସୋମବାର ରାତିରେ ଅନୁଷ୍ଠିତ ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନ୍‌ଶନ ମଞ୍ଚରେ ୮୧ ବର୍ଷୀୟ ବାଇଡେନ୍ ପହଞ୍ଚିବା ପରେ ତାଙ୍କୁ ଅନ୍ୟମାନେ ଛିଡ଼ାହୋଇ ଅଭିବାଦନ ଜଣାଇଥିଲେ। ନଭେମ୍ବର ୫ରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ୫୯ ବର୍ଷୀୟ ହାରିସ୍ ଆସନ୍ତା ଗୁରୁବାର ଆନୁଷ୍ଠାନିକ ଭାବେ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ଗ୍ରହଣ କରିବେ। ଆମକୁ ଗଣତନ୍ତ୍ରର ସୁରକ୍ଷା କରିବାକୁ ହେବ। ଏଥିପାଇଁ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ପରାଜିତ କରି କମଳା ହାରିସ୍‌ଙ୍କୁ ରାଷ୍ଟ୍ରପତି ଏବଂ ଟିମ୍ ୱାଲ୍‌ଜଙ୍କୁ ଉପରାଷ୍ଟ୍ରପତି ନିର୍ବାଚିତ କରିବାକୁ ହେବ ବୋଲି ବାଇଡେନ୍ କହିଥିଲେ।

ସୋମବାର ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନ୍‌ଶନର ଉଦ୍‌ଘାଟନ ସମୟରେ ବିଶୃଙ୍ଖଳିତ ସ୍ଥିତି ଉପୁଜିଥିଲା। ଗାଜା ଯୁଦ୍ଧକୁ ବିରୋଧ କରି ହଜାର ହଜାର ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇବା ସହ କନ୍‌ଭେନ୍‌ଶନ ନିକଟରେ ପୋଲିସ ଲଗାଇଥିବା ବାରିକେଡ୍‌କୁ ଭାଙ୍ଗିଦେଇଥିଲେ। ଧସେଇ ପଶିବାକୁ ଉଦ୍ୟମ କରୁଥିବା ବିକ୍ଷୋଭକାରୀମାନଙ୍କୁ ପୋଲିସ ଗିରଫ କରିଥିଲା।



ନୂଆଦିଲ୍ଲୀରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ ରାସ୍ତା ଜଳାର୍ଣ୍ଣବ। ଆଇଟିଓ ନିକଟରେ ଟ୍ରାଫିକ୍ ଜାମ୍। (ଫଟୋ: ଚମନ ଗୌତମ)

## ସୁସ୍ଥ ଅଛି: ଜୁଏଲ

**ନୂଆଦିଲ୍ଲୀ, ୨୦।୮ (ପି.ଟି.)**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଡେଙ୍ଗୁରୁ ସୁସ୍ଥ ହୋଇଥିବା ମଙ୍ଗଳବାର ସୂଚନା ହୋଇଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି ଏବଂ ସେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି।



ତେବେ ତାଙ୍କୁ ନେଇ ହେଉଥିବା ଗୁଜବରୁ ଦୂରରେ ରହିବାକୁ ସେ ନିଜ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ଅନୁରୋଧ କରିଛନ୍ତି। ଡେଙ୍ଗୁର ଲକ୍ଷଣ ଦେଖାଯିବାରୁ ଜୁଏଲ ସୋମବାର ସନ୍ଧ୍ୟାରେ ଦିଲ୍ଲୀସ୍ଥିତ ଏମ୍ସରେ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମ ଡେଙ୍ଗୁରେ ପୀଡ଼ିତ ହୋଇ ଶନିବାର ରାତିରେ ଭୁବନେଶ୍ୱରର ଏକ ପ୍ରାଇଭେଟ୍ ହସ୍ପିଟାଲରେ ପ୍ରାଣ ହରାଇଥିଲେ।

## ୬ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ମିଳିଲା

**ଜେରୁଜେଲମ୍,୨୦।୮**

ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇଯାଇ ଗାଜାରେ ପଣବନ୍ଦୀ କରି ରଖିଥିଲେ। ହମାସ୍ ଆକ୍ରମଣର ପ୍ରତିବାଦରେ ଇସ୍ରାଏଲ୍ ଗାଜା ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲା। ଏହି ଯୁଦ୍ଧରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିହତ ହେବା ସହ ଗାଜାର ଅନେକ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଦକ୍ଷିଣ ଗାଜାରେ ରାତ୍ର ଅଭିଯାନ ବେଳେ ଇସ୍ରାଏଲୀ ସେନା ସେଠାରୁ ୬ ଜଣ ପରବନ୍ଦୀଙ୍କ ମୃତଦେହ ପାଇଛି। ସେମାନେ କେବେ ଏବଂ କେମିତି ମଲେ ତାହା ଜଣାପଡ଼ିନାହିଁ। ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ କେତେଜଣ ପଣବନ୍ଦୀ ମୃତାହତ ହୋଇଥିଲେ ବୋଲି ହମାସ୍ କହିଛି। ଇସ୍ରାଏଲ ପଣବନ୍ଦୀଙ୍କ ବଦଳରେ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକୁଳାଇବା ପାଇଁ ହମାସ୍ ଆଶା ରଖିଥିଲା। ତେବେ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ମିଳିବା ପରେ ହମାସ୍‌କୁ ଝଟକା ଲାଗିଛି। ସେପଟେ ଶୀଘ୍ର ଯୁଦ୍ଧବିରତି ପାଇଁ ଇସ୍ରାଏଲ୍ ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

## ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତକୁ କହିଲା ବିଏନ୍‌ପି

**ଢାକା,୨୦।୮(ପି.ଟି.)**



ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ପ୍ରତ୍ୟର୍ପଣ କରିବା ନିମନ୍ତେ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ମହାସଚିବ ମିର୍ଜା ଫଖରୁଲ ଇସ୍‌ଲାମ ଆଲମଗିର ଭାରତକୁ କହିଛନ୍ତି। ଦେଶର ବିପ୍ଳବକୁ ବିଫଳ କରାଇବା ପାଇଁ ଷଡ଼ଯନ୍ତ୍ର ରଚିଥିବା ୭୬ ବର୍ଷୀୟା ହାସିନାଙ୍କୁ ବାଂଲାଦେଶରେ ବିଚାରର ସମ୍ମୁଖୀନ ହେବାକୁପଡ଼ିବ। ସୂଚନାଯୋଗ୍ୟ, ସରକାରୀ ନିଯୁକ୍ତିରେ ବିବାଦୀୟ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ଗତ ୫ ତାରିଖରେ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇଥିଲେ। ତେଣୁ ଭାରତ ସରକାର ନ୍ୟାୟିକ ମାର୍ଗରେ ତାଙ୍କୁ ବାଂଲାଦେଶ ସରକାରଙ୍କୁ ହସ୍ତାନ୍ତର କରିବାକୁ ଆମେ ଆହ୍ୱାନ ଦେଉଛୁ। ଦେଶବାସୀ ତାଙ୍କ ବିଚାର ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଫଖରୁଲ ଭାରତକୁ ପତ୍ର ଲେଖି ଜଣାଇଛନ୍ତି। ସେ କହିଛନ୍ତି, ଭାରତ ହାସିନାଙ୍କୁ ଆଶ୍ରୟ ଦେଇ ଗଣତାନ୍ତ୍ରିକ ପ୍ରତିଶ୍ରୁତିକୁ ରକ୍ଷା କରି ନ ଥିବା ଜଣାପଡୁଛି। ଗତ ଜୁଲାଇରୁ ଦେଶରେ ଲାଗିରହିଥିବା ଆନ୍ଦୋଳନ ଜନିତ ହିଂସାରେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ହାଇକୋର୍ଟଙ୍କ ଯୌନ ଆବେଗ ନିୟନ୍ତ୍ରଣ ରାୟ ଖାରଜ

**ନୂଆଦିଲ୍ଲୀ,୨୦।୮(ପି.ଟି.)**

କୋଲକାତା ହାଇକୋର୍ଟ ଏକ ଯୌନ ଉତ୍ପୀଡ଼ନ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ସହ ଯୌନ ଆବେଗକୁ ନିୟନ୍ତ୍ରଣରେ ରଖିବା ପାଇଁ କିଶୋରୀମାନଙ୍କୁ ବିବାଦୀୟ ପରାମର୍ଶ ଦେଇଥିଲେ। ସୁପ୍ରିମକୋର୍ଟ ମଙ୍ଗଳବାର ହାଇକୋର୍ଟଙ୍କ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ମାମଲା ପରିଚାଳନା ଲାଗି କର୍ତ୍ତୃପକ୍ଷଙ୍କୁ ଅନେକ ନିର୍ଦ୍ଦେଶ ଦିଆଯାଇଥିବା ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। କୋର୍ଟଗୁଡ଼ିକ କିପରି ରାୟ ଲେଖିବେ ସେଥିପାଇଁ ମଧ୍ୟ ଏକାଧିକ ଥର ନିର୍ଦ୍ଦେଶ ଦିଆଯାଇଛି। କୋଲକାତା ହାଇକୋର୍ଟଙ୍କ କେତେକ ଟିପ୍ପଣୀକୁ ଗତବର୍ଷ ଡିସେମ୍ବର ୮ରେ ସୁପ୍ରିମକୋର୍ଟ ଅତ୍ୟନ୍ତ ଆପତ୍ତିଜନକ ଏବଂ ସମ୍ପୂର୍ଣ୍ଣ ଅବାଞ୍ଛିତ ବୋଲି କହି ସମାଲୋଚନା କରିଥିଲେ। ସର୍ବୋଚ୍ଚ ଅଦାଲତ ନିଜଆଡୁ ଏହାକୁ ବିଚାର ପାଇଁ ଗ୍ରହଣ କରିଥିଲେ। ବିଚାରପତିମାନେ ରାୟ ଲେଖିବା ବେଳେ ଧର୍ମ ଉପଦେଶ ଦେବା ଆଶା କରାଯାଉନି ବୋଲି ଖଣ୍ଡପୀଠ କହିଛନ୍ତି। ୨୦୨୩ ଅକ୍ଟୋବର ୧୮ରେ ହାଇକୋର୍ଟ କିଶୋରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ମାତ୍ର ୨ ମିନିଟ୍‌ର ଯୌନସୁଖ ପାଇଁ ସୁଯୋଗ ଦେଉଥିବା କିଶୋରୀମାନେ ସମାଜ ଆଖିରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ତେଣୁ ଯୌନ ଆବେଗକୁ ସେମାନେ କାବୁରେ ରଖିବା ଉଚିତ ବୋଲି ହାଇକୋର୍ଟ କହିବା ସହ ଯୌନ ନିର୍ଯାତନା ମାମଲାରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ଦୋଷମୁକ୍ତ କରିଦେଇଥିଲେ। ହାଇକୋର୍ଟଙ୍କ ଏହି ବିବାଦୀୟ ଟିପ୍ପଣୀକୁ ପଶ୍ଚିମବଙ୍ଗ ସରକାର ମଧ୍ୟ ଚ୍ୟାଲେଞ୍ଜ କରିଥିଲେ।

### ଫୁରସତ୍

# ଟ୍ରକ୍ ଚାଳକରୁ ସଫଳ ୟୁଟ୍ୟୁବର

**ରାଞ୍ଚି**

### ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଭିଡିଓ କରି ମାସିକ ୧୦ ଲକ୍ଷ ରୋଜଗାର

କୁହାଯାଏ ଯେ ବ୍ୟକ୍ତିର ଭାଗ୍ୟ କୌଣସି ମଧ୍ୟ ସମୟରେ ପରିବର୍ତ୍ତନ ହୋଇଯାଇପାରେ। ୨୫ ବର୍ଷ ଧରି ଟ୍ରକ୍ ଚଳାଉଥିବା ଝାଡ଼ଖଣ୍ଡର ଜାମତାଡ଼ା ସହରର ରାଜେଶ ରବାନି ନାମକ ଜଣେ ବ୍ୟକ୍ତି ଏବେ ଜଣେ ସଫଳ ୟୁଟ୍ୟୁବର ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ରୋଷେଇ ପ୍ରତି ଅହେତୁକ ଭଲ ପାଇବା ଓ ଆଗ୍ରହ ଯୋଗୁ ରାଜେଶଙ୍କୁ ଏହି ସଫଳତା ମିଳିଛି। ତାଙ୍କର 'ଆର୍ ରାଜେଶ ଭ୍ଲଗ୍ସ' ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ସମ୍ପ୍ରତି ୧.୮୬ ମିଲିୟନ୍‌ରୁ ଅଧିକ ସବ୍‌ସ୍କ୍ରାଇବର ରହିଛନ୍ତି।

ନିକଟରେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ରାଜେଶ କହିଛନ୍ତି, କିଛି ବର୍ଷ ତଳେ ଏକ ଦୁର୍ଘଟଣାରେ ତାଙ୍କର ଗୋଟିଏ ହାତ କିଛିଦିନ ପାଇଁ ଅଚଳ ହୋଇଯାଇଥିଲା। ତେଣୁ ସେ ସେତେବେଳେ ଟ୍ରକ୍ ଚାଳନା କରି ପାରୁନଥିଲେ ଏବଂ ଘରେ ରହି ବିରକ୍ତ ହେଉଥିଲେ। ବିଭିନ୍ନ ପ୍ରକାର ଖାଦ୍ୟ ରାନ୍ଧିବାର ସଉକ ରଖିଥିବାରୁ ପୁଅ ତାଙ୍କୁ ଗୋଟିଏ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଖାଦ୍ୟ



ସମ୍ପର୍କିତ ଭିଡିଓ ଅପ୍‌ଲୋଡ୍ କରିବାକୁ ପରାମର୍ଶ ଦେଇଥିଲେ। ତେଣୁ ସେ ପ୍ରଥମେ ନିଜ ଭଏସ୍ ଓଭର ସହିତ ଏକ ସ୍ୱାଦିଷ୍ଟ ଖାଦ୍ୟର ଭିଡିଓ ପୋଷ୍ଟ କରିଥିଲେ, ଯାହାକୁ ଲୋକେ ପସନ୍ଦ କରିଥିଲେ। ତେବେ ଉକ୍ତ ଭିଡିଓରେ ଲୋକମାନେ ତାଙ୍କୁ ଚେହେରା ଦେଖାଇବାକୁ ଅନୁରୋଧ କରିଥିଲେ। ତେଣୁ ରାଜେଶ ପୁଅଙ୍କ ସହଯୋଗରେ ନିଜ ଚେହେରା ଦେଖାଇବା ସହ ଆଉ ଏକ ନୂତନ ଖାଦ୍ୟ ସମ୍ବନ୍ଧିତ ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓ ମାତ୍ର ଗୋଟିଏ ଦିନ ମଧ୍ୟରେ ୪.୫ ଲକ୍ଷ ଭ୍ୟୁଜ୍ ପାଇବା ସହ ଭାଇରାଲ ହୋଇଥିଲା। ରାଜେଶ ସାକ୍ଷାତ୍‌କାରରେ କହିଛନ୍ତି, ସେ ପୂର୍ବରୁ ଟ୍ରକ୍ ଚଳାଇ ମାସିକ ୨୫ ହଜାରରୁ ୩୦ ହଜାର ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ଏବେ ସେ କେବଳ ୟୁଟ୍ୟୁବ୍‌ରୁ ମାସିକ ୪ରୁ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୟୁଟ୍ୟୁବ୍‌ରୁ ତାଙ୍କର ସର୍ବାଧିକ ମାସିକ ରୋଜଗାର ୧୦ ଲକ୍ଷ ଟଙ୍କା ହୋଇଥିବା ରାଜେଶ କହିଛନ୍ତି। ୟୁଟ୍ୟୁବ୍ ତାଙ୍କ ଜୀବନକୁ ଏତେ ମାତ୍ରାରେ ବଦଳାଇଦେବ ବୋଲି ସେ କେବେ ମଧ୍ୟ ଭାବି ନ ଥିବା ରାଜେଶ କହିଛନ୍ତି। ୟୁଟ୍ୟୁବ୍‌ରୁ ମିଳିଥିବା ସଫଳତା ପାଇଁ ରାଜେଶ ତାଙ୍କ ପରିବାରକୁ ଶ୍ରେୟ ଦେଇଛନ୍ତି। ଏହି ସଫଳତା ଯୋଗୁ ଏବେ ସେ ଏକ ନୂତନ ଘର କିଣିବାକୁ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ ରାଜେଶ ପୂର୍ବ ପରି ଟ୍ରକ୍ ଚାଳନା କରିବା ସହ ଖାଲି ସମୟରେ ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଖାଦ୍ୟ ଓ ସେ ଜାଣିଥିବା ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସମ୍ପର୍କରେ ଭିଡିଓ କରି ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରନ୍ତି।

## କୋଟିପତି ଉଦ୍ୟୋଗୀଙ୍କୁ ଡେଟ୍ କରୁଛନ୍ତି ରିୟା

ମୁମ୍ବାଇ : ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ଏବେ ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତେବେ ସେ କୌଣସି ଫିଲ୍ମ ପାଇଁ ନୁହେଁ ବରଂ ଜଣେ କୋଟିପତି ଉଦ୍ୟୋଗୀଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚାକୁ ଆସିଛନ୍ତି। ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆରେ ହେଉଥିବା ଆଲୋଚନା ଅନୁଯାୟୀ, ରିୟା ଭାରତର କୋଟିପତି ଯୁବ ଉଦ୍ୟୋଗୀ ନିଖିଲ କାମଥ୍‌ଙ୍କୁ ଡେଟ କରୁଛନ୍ତି। ନିକଟରେ ସେ ମୁମ୍ବାଇର ଏକ ରାସ୍ତାରେ ଏକ ବାଇକ୍‌ରେ ଯାଉଥିବାର ନଜର ଆସିଥିଲେ। ତେବେ ରିୟା ନିଜେ ବାଇକ୍ ଚଳାଉ ନ ଥିଲେ, ବରଂ ତାଙ୍କୁ ଅନ୍ୟ କାହା ପଛରେ ବସିଥିବାର ଦେଖିବାକୁ ମିଳିଥିଲା। ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନିଖିଲ ଉକ୍ତ ବାଇକ୍ ଚଳାଉଥିଲେ ଓ ରିୟା ତାଙ୍କ ପଛରେ ବସିଥିଲେ। ଏହାପରେ ଉଭୟେ ପରସ୍ପରକୁ ଡେଟ୍ କରୁଥିବା ସହ ରିଲେଶନ୍‌ଶିପ୍‌ରେ ଥିବା ନେଇ ବହୁ ଚର୍ଚ୍ଚା ଓ ଆଲୋଚନା ଲାଗି ରହିଛି। ନିଖିଲ ତାଙ୍କ ଭାଇ ନିତିନ କାମଥ୍‌ଙ୍କ ସହ ଭାରତର ପ୍ରତିଷ୍ଠିତ ଷ୍ଟକ୍-ବ୍ୟାକିଂ ସଂସ୍ଥା 'ଜେରୋଧା'ର ସହ-ପ୍ରତିଷ୍ଠାତା ଅଟନ୍ତି। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ଏହି ୩୭ ବର୍ଷୀୟ ଶିଳ୍ପପତିଙ୍କ ମୋଟ ସମ୍ପତ୍ତି ହେଉଛି ୩.୧ ବିଲିୟନ ଡଲାର୍ (ପ୍ରାୟ ୨୬ ହଜାର କୋଟି ଟଙ୍କା)। ନିଖିଲ୍ ତାଙ୍କର ଅନ୍‌ଲାଇନ୍ ଷ୍ଟକ୍ ଟ୍ରେଡିଂ ପ୍ଲାଟ୍‌ଫର୍ମ 'ଜେରୋଧା'ର ବ୍ୟବସାୟରେ ଉକ୍ତ ସମ୍ପତ୍ତିର ମାଲିକ ହୋଇ ପାରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏହି ରିଲେଶନ୍‌ଶିପ୍‌କୁ ନେଇ ଉଭୟ ରିୟା ଓ ନିଖିଲଙ୍କ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରକାଶ ଯେ, ମିସ୍ ୱାର୍ଲ୍ଡରୁ ଅଭିନେତ୍ରୀ ହୋଇଥିବା ମାନୁଷୀ ଛିଲ୍ଲରଙ୍କ ସହ ନିଖିଲଙ୍କ ନାମ ୨୦୨୨ରେ ଯୋଡ଼ି ହୋଇଥିଲା। ଏପରିକି ସେତେବେଳେ ଉଭୟଙ୍କୁ ଏକ ମନ୍ଦିରରେ ଏକାଠି ଦେଖିବାକୁ ମିଳିଥିଲା।



